## ଅବ୍ୟବସ୍ଥା ଘେରରେ ନିର୍ମଳଝର
# ପର୍ଯ୍ୟଟନ ସ୍ଥଳୀରୁ ମୁହଁ ଫେରାଉଛନ୍ତି ପର୍ଯ୍ୟଟକ

ଖଲ୍ଲିକୋଟ,୧୮।୬(ସମିସ)



କାହିଁ କେଉଁ ଆବାହମାନ କାଳରୁ ମାରୁଆ ପାହାଡ଼ରୁ ଝରି ଆସୁଛି ଝରଣା। ପାହାଡ଼ର ନିବୃତ ଇଲାକାରୁ ଝରଣା ଉତ୍ପତି ହୋଇ ପ୍ରସ୍ତର ଖୋଲରେ ଝରି ଝରି ଆସି ମଗର ମୁହଁ ଦେଇ ପୂର୍ଣ୍ଣ



କୁଣ୍ଡ ରେ ପଡୁଥିବା ଦୃଶ୍ୟ ଅତି ମନୋରମ। ଏହା ବ୍ୟତୀତ ଏଠାରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିର, ଶ୍ରୀ ଜଗନ୍ନାଥ ମନ୍ଦିର, ବିମଳା ମନ୍ଦିର, ରାଧାକୃଷ୍ଣ ମନ୍ଦିର ସାଙ୍ଗକୁ ଝୁଲଣ ମଣ୍ଡପ ଏହାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରେ। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଖଲ୍ଲିକୋଟର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ନିର୍ମଳଝର ବହୁ ଅବ୍ୟବସ୍ଥା ଘେରରେ ରହିଛି। ଫଳରେ ନିର୍ମଳଝରରୁ ଏବେ ମୁହଁ ଫେରାଉଛନ୍ତି ପର୍ଯ୍ୟଟକ।

ପର୍ଯ୍ୟଟନ ସ୍ଥଳୀ ନିର୍ମଳଝର ହେଉଛି ଶୈବ, ଶାକ୍ତ ଓ ବୈଷ୍ଣବ ଧର୍ମର ଅପୂର୍ବ ସମନ୍ୱୟ। ତେବେ ଏହି ସବୁ ଠାକୁରଙ୍କୁ ଭୋଗ ଲାଗିବା ନିମନ୍ତେ ସେମିତି କୌଣସି ସ୍ଥାୟୀ ବ୍ୟବସ୍ଥା ନାହିଁ। ପୂଜକଙ୍କ ସାଧ୍ୟ ମତେ ଯାହା କିଛି ଭୋଗରାଗ ହେଉଥିବା କହିଛନ୍ତି ନିଜେ ପୂଜକ ନୀଳାଞ୍ଚଳ ପଣ୍ଡା। ନୀଳକଣ୍ଠେଶ୍ୱର ମନ୍ଦିର ବର୍ତ୍ତମାନ ଭଗ୍ନ ଅବସ୍ଥାରେ ରହିଥିବା ବେଳେ ଏହାର ରୋଷେଇ ଘର ଅବସ୍ଥା ଅତି ଶୋଚନୀୟ ହୋଇ ପଡିଛି। ମନ୍ଦିର ଓ ରୋଷେଇ ଘର ସମ୍ମୁଖରେ ଥିବା ମଣ୍ଡପରେ ପୂର୍ବରୁ ବିଭିନ୍ନ ସଭା ସମିତି ଆଦି ଅନୁଷ୍ଠିତ ହେଉଥିବା ବେଳେ ଏଠାରେ ଥିବା ଗଛ ଛାଇରେ ମଣ୍ଡପ ଉପରେ ପର୍ଯ୍ୟଟକମାନେ ବିଶ୍ରାମ ନେଉଥିଲେ। କିନ୍ତୁ ବର୍ତ୍ତମାନ ମଣ୍ଡପ ଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଗଲାଣି। ଏହାର ତୁରନ୍ତ ମରାମତି ଆବଶ୍ୟକ ହୋଇ ପଡିଛି। ଶ୍ରୀ ଜଗନ୍ନାଥ ମନ୍ଦିରର ଉପର ଅଂଶ ଫାଟି ଯାଇଥିବାରୁ ବର୍ଷା ହେଲେ ମନ୍ଦିର ଭିତରେ ପାଣି ଗଳୁଛି। ଏଠାକାର ବିମଳା ଠାକୁରାଣୀ ସମଗ୍ର ଅଞ୍ଚଳରେ ପ୍ରତ୍ୟକ୍ଷ ଠାକୁରାଣୀ ଭାବେ ଜନମାନସରେ ପ୍ରଖ୍ୟାତ ହୋଇଥିବା ବେଳେ ତାଙ୍କ ମନ୍ଦିରର ଅବସ୍ଥା ଅତି ଖରାପ। ଅତୀବ କାରୁକାର୍ଯ୍ୟ ମଣ୍ଡିତ ରାଧାକୃଷ୍ଣ ମନ୍ଦିରର ଅବସ୍ଥା ମଧ୍ୟ ଭଲ ନାହିଁ। ଶ୍ରୀ ଜଗନ୍ନାଥ ମନ୍ଦିର ପାର୍ଶ୍ୱରେ ଭୋଜିଭାତ କରିବା ପାଇଁ ଥିବା ବିଶାଳ ମଣ୍ଡପଟି ଭାଙ୍ଗିରୁଜି ଗଲାଣି। ଗାଡି ପାର୍କି ସ୍ଥାନରେ ଥିବା ବିରାଟ ପାଚେରିଟି ଭଗ୍ନ ଅବସ୍ଥା ରେ ରହିଥିବାରୁ କେତେବେଳେ ଏହା ଢଳି ପଡିବ ତାହା କହି ହେଉନାହିଁ। ନିର୍ମଳଝର ମନ୍ଦିରରେ ବର୍ଷ ତମାମ ପ୍ରି ୱେଡିଙ୍ଗ ସୁଟିଂ ଚାଲିଥାଏ। ଏଥିପାଇଁ ମନ୍ଦିର କମିଟି ପ୍ରତି ସୁଟିଂ ପାଇଁ ୫୦୦ ଟଙ୍କା ଆଦାୟ କରିଥାଏ। ପ୍ରତିବର୍ଷ ଗାଡି ପାର୍କିରୁ ୩୦ ହଜାର ଟଙ୍କା ଆଦାୟ ହୋଇଥାଏ। କିନ୍ତୁ ଚଳିତ ବର୍ଷ ଗାଡି ପାର୍କି ଫି ଆଦାୟ କରିବାକୁ କେହି ଲିଜ ନେଇ ନାହାନ୍ତି ବୋଲି ପୂଜକ



ନୀଳାଞ୍ଚଳ ପଣ୍ଡା କହିଛନ୍ତି। ମନ୍ଦିରରେ ମଧ୍ୟ ବିଭିନ୍ନ ସମୟରେ ହେଉଥିବା ଭୋଜିଭାତରୁ ମଧ୍ୟ କିଛି ଅର୍ଥ ଆଦାୟ ହୁଏ। ଏତେ ସବୁ ଅର୍ଥ ଆଦାୟ ହେଉଥିଲେ ମଧ୍ୟ ମନ୍ଦିରର ଉନ୍ନତି ପାଇଁ ମନ୍ଦିର କମିଟି କିଛି ଖର୍ଚ୍ଚ କରୁନାହିଁ ବୋଲି ପୂଜକ ଅଭିଯୋଗ କରିଛନ୍ତି। ନିର୍ମଳଝର ଏକ ପ୍ରାକୃତିକ ଶୋଭା ସମ୍ପଦ ପରିପୂର୍ଣ୍ଣ ଉନ୍ନତ, ଆକର୍ଷଣୀୟ ତଥା ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀ ହୋଇଥିବାରୁ ରାଜ୍ୟ ପର୍ଯ୍ୟଟନ ବିଭାଗ ଏହାର ଉନ୍ନତି ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ବିକାଶ ଚିତ୍ର ବଖାଣିଲା କୃଷି ବିଭାଗ

ଶେରଗଡ ୧୮।୬(ସମିସ): ପ୍ରତି ବ୍ଲକରେ ଆରମ୍ଭ ହୋଇଛି ସରକାରୀ ପ୍ରସାର ଏବଂ ନାଗରିକ ସଂଯୁକ୍ତି କାର୍ଯ୍ୟକ୍ରମ। ଏହି ମର୍ମରେ ଗୁରୁବାର ଶେରଗଡ ବ୍ଲକର କାଉଣ୍ଟିଂ ହଲ ପରିସରରେ କୃଷି ଏବଂ କୃଷି ସମ୍ବନ୍ଧୀୟ ବିକାଶର ଚିତ୍ର ଦେଖାଇଥିଲା କୃଷି ବିଭାଗ। ୪ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଗୁରୁବାର ବ୍ଲକ କୃଷି ବିଭାଗ ନିଜ ସଫଳତାର କାହାଣୀ ବଖାଣିଥିଲା। ଶେରଗଡ ବ୍ଲକର ୨୨ଟି ପଞ୍ଚାୟତ ରେ ଚାଲିଛି କୃଷି ବିଭାଗର ବିକାଶର କାର୍ଯ୍ୟ। ପ୍ରତି ପଞ୍ଚାୟତରେ କୃଷି ବିଭାଗ ତରଫରୁ ଆସୁଥିବା ବିଭିନ୍ନ ଯୋଜନା ବାବଦରେ ଚାଷୀଙ୍କୁ ଅବଗତ କରିବା ସହ ପ୍ରାଣୀ ସମ୍ପଦ ତରଫରୁ ଲୋକଙ୍କ ଲାଗି ଥିବା ସମସ୍ତ ଯୋଜନା ସହିତ ଉଦ୍ୟାନ କୃଷି ବିଭାଗର ବିଭିନ୍ନ ଚାଷ ବିଷୟରେ ଉପସ୍ଥିତ ସମସ୍ତ ଚାଷୀ ମାନଙ୍କୁ ଅବଗତ କରିବା ସହ ବିଭାଗର ସଫଳତା ବଖାଣିଥିଲେ ଅଧିକାରୀ ଓ ଅଧିକାରିଣୀ। କୃଷି ବିଭାଗ ସହିତ ଜଡ଼ିତ ସମସ୍ତ ଜନକଲ୍ୟାଣ ଯୋଜନାର ଲାଭ ଉଠାଇବା ଲାଗି ଉପସ୍ଥିତ ସମସ୍ତ ଚାଷୀଙ୍କୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଶେରଗଡ଼ ବିଡିଓ ମିସ ତୃପ୍ତିମୟୀ ଜେନାଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବ୍ଲକ କୃଷି ଅଧିକାରୀ ଜ୍ୟୋତି ରଞ୍ଜନ ମିଶ୍ର, ବ୍ଲକ ପଶୁ ଚିକିତ୍ସା



ଅଧିକାରୀ ଦୁର୍ଗା ପ୍ରସାଦ ହୋତା, ବ୍ଲକ ଉଦ୍ୟାନ କୃଷି ବିଭାଗର ଅଧିକାରିଣୀ ଅଳକା ବିଶ୍ୱାଳ,ବ୍ଲକ ଅତିରିକ୍ତ ମତ୍ସ୍ୟ ଅଧିକାରୀ ଦୁବରାଜ ଭୋଇ, କୋପରେଟିଭ ଏରିଆ ମ୍ୟାନେଜର ବିନୋଦା ନାହାକ ପ୍ରମୁଖ ମଞ୍ଚାସୀନ ଥିଲେ। ତେବେ ଆସନ୍ତା ସପ୍ତାହରୁ ପ୍ରତି ପଞ୍ଚାୟତରେ ସୁଭଦ୍ରା ଶକ୍ତି ସମାବେଶ ଆୟୋଜିତ ହେଉଛି।

## ନିଃଶୁଳ୍କ ପରଳ ଚକ୍ଷୁ ପରୀକ୍ଷା ଓ ଚିକିତ୍ସା

କବିସୂର୍ଯ୍ୟନଗର, ୧୮।୬(ସମିସ): କବିସୂର୍ଯ୍ୟନଗର ମା ଦନ୍ତ କ୍ଲିନିକ ପକ୍ଷରୁ ଏକ ନିଃଶୁଳ୍କ ପରଳ ଚକ୍ଷୁ ପରୀକ୍ଷା ଓ ତାହାର ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ଆଜି ସକାଳ ୮ରୁ ୧୨ ପର୍ଯ୍ୟନ୍ତ ବହୁ ରୋଗୀ ଆସି ଚକ୍ଷୁ ପରୀକ୍ଷା କରିଥିଲେ। ସେଥିରୁ ମୋଟ ୨୭ ଜଣ ପରଳ ଚିକିତ୍ସା ପାଇଁ ମନୋନୀତ ହୋଇଥିଲେ। ଏହାର ପ୍ରତିଷ୍ଠାତା ଡା. କଂଗ୍ରେସ ପ୍ରଧାନଙ୍କ ନେତୃତ୍ୱରେ ଜିତୁ ଗୌଡ଼ ଓ ଚିତ୍ରସେନ ଗୌଡ଼ ଚିକିତ୍ସା କରିଥିଲେ। ବରିଷ୍ଠ ସମାଜସେବୀ ତଥା ବିଶ୍ୱ ବ୍ରାହ୍ମଣ ସମାଜ ସଭାପତି ଡଃ. ଜି. ଶମ୍ଭୁଲିଙ୍ଗମ ଆଚାରୀ ଓ ସାମାଜିକକର୍ମୀ ଇ. ମାହେଶ୍ୱରୀ ଦୋରା ଏହାର ଶୁଭ ଉଦଘାଟନ କରିଥିଲେ। ସୁନୀଲ ମଲିକ, କୋକୋ ରାଉତ, ଲିପ୍ସା ଦାସ, ମନୀଷା ସାହୁ, ଲିପି ପରିଡା, ସୋନାଲି ଖଟେଇ, ସରିତା ଗୌଡ଼ ଓ ପୂଜା ବେହେରା ଚିକିତ୍ସାରେ ସହଯୋଗ କରିଥିଲେ।




## ଏସବିଆଇ ପକ୍ଷରୁ ବୀମା ରାଶି ପ୍ରଦାନ

ପାତ୍ରପୁର, ୧୮।୬(ସମିସ): ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ବୀମା ରାଶି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାତ୍ରପୁର ଶାଖା ପରିଚାଳକ ସର୍ବେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବରଙ୍ଗ ପଞ୍ଚାୟତ ଅନ୍ତର୍ଗତ ଲଙ୍କା ଗ୍ରାମର ଉପଡ଼ା କେଶବଙ୍କ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଏହି ଅବସରରେ କେଶବଙ୍କ ମା ଉପଡା ତୁଳସାମ୍ମାଙ୍କୁ ଚେକ୍ ପ୍ରଦାନ କରାଯାଇଛି। ଚେକ୍ ପ୍ରଦାନ ବେଳେ ବ୍ୟାଙ୍କ୍ କର୍ମଚାରୀ ରବୀନ୍ଦ୍ର ଜେନା, ଶୁଭେନ୍ଦୁ ବେରା, ଦୀପକ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଗ୍ରାହକ ସେବା କେନ୍ଦ୍ର ପରିଚାଳକ ଧର୍ମେନ୍ଦ୍ର ମହାନ୍ତିଙ୍କ ପ୍ରଚେଷ୍ଟାରେ ଅନୁକମ୍ପା ରାଶି ପାଇଥିବା ତୁଳସାମ୍ମା ପ୍ରକାଶ କରିଛନ୍ତି।

## ପୋଷ୍ଟମାଷ୍ଟର ଜେନେରାଲଙ୍କ ଦ୍ୱାରା ୯ ପୋଷ୍ଟ ମାଷ୍ଟର ସମ୍ମାନିତ

ଆସିକା,୧୮।୬(ସମିସ): ଆସିକା ନୂଆଗାଁ ଚିନି କାରଖାନା ସମ୍ମିଳନୀ କକ୍ଷରେ ପୋଷ୍ଟମାଷ୍ଟର ଜେନେରାଲଙ୍କ ଆସିକା ଡିଭିଜନ ଉପରେ ସମୀକ୍ଷା କରିଥିଲେ। ଆସିକା ପୂର୍ବ ଉପ-ଡିଭିଜନର ୨୫ ଜଣ ଶାଖା ପୋଷ୍ଟମାଷ୍ଟରଙ୍କ ସହିତ ଏକ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆସିକା ଡିଭିଜନର ଡାକଘର ଅଧୀକ୍ଷକ ଲେଫ୍ଟନାଣ୍ଟ କର୍ଣ୍ଣେଲ ଦିଲ୍ଲୀପ କୁମାର ବେହେରାଙ୍କ ସଂଯୋଜନାରେ ପୋଷ୍ଟମାଷ୍ଟର ଜେନେରାଲ କର୍ଣ୍ଣଲ ବିନୋଦ କୁମାର ଯୋଗ ଦେଇଥିଲେ। ସେ ଡାକ ବିଭାଗର ଛଅଟି ପ୍ରମୁଖ ବ୍ୟବସାୟିକ କ୍ଷେତ୍ର, ଘରୋଇ ଡାକ, ପାର୍ସଲ ସେବା, ଆନ୍ତର୍ଜାତୀୟ ଡାକ, ନାଗରିକ-କେନ୍ଦ୍ରିକ ସେବା, ଡାକ ସଞ୍ଚୟ ବ୍ୟାଙ୍କ ଏବଂ ଡାକ ଜୀବନ ବୀମା ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଜନସାଧାରଣଙ୍କ ଯୋଗାଯୋଗକୁ ବୃଦ୍ଧି କରିବା ଏବଂ ସେବା ପ୍ରଦାନକୁ ଉନ୍ନତ କରିବା ପାଇଁ ଏହି ମୁଖ୍ୟ ସେବା କ୍ଷେତ୍ରଗୁଡ଼ିକୁ ସୁଦୃଢ଼ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଆଲୋଚନାରେ ପୋଷ୍ଟମାଷ୍ଟର ଜେନେରାଲ ୨୫ ଜଣ ଗ୍ରାମୀଣ ଡାକ ସେବକ ଶାଖା ପୋଷ୍ଟମାଷ୍ଟରଙ୍କ ପ୍ରତ୍ୟେକଙ୍କୁ ବ୍ୟକ୍ତିଗତ ଭାବରେ ଭେଟିଥିଲେ ଏବଂ ତାଙ୍କର ବ୍ୟକ୍ତିଗତ ଅଭିଜ୍ଞତା ଏବଂ ସଫଳତାର କାହାଣୀ ବାଣ୍ଟି ଥିଲେ। ଉତ୍କୃଷ୍ଟ କାର୍ଯ୍ୟଦକ୍ଷତାକୁ ସ୍ୱୀକୃତି ଦେଇ, ପୋଷା ଲିଙ୍କେଜ୍, ଡାକ ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଏବଂ ଡାକ ଜୀବନ ବୀମା/ଗ୍ରାମୀଣ ଡାକ ଜୀବନ ବୀମା ବ୍ୟବସାୟ କ୍ରୟରେ ଉଲ୍ଲେଖନୀୟ ସଫଳତା ପାଇଁ ୯ ଜଣ ଶାଖା ପୋଷ୍ଟମାଷ୍ଟରଙ୍କୁ ମାନ୍ୟବର ପୋଷ୍ଟମାଷ୍ଟର ଜେନେରାଲଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

## ପୋଖରୀରେ ବୁଡ଼ି ଯୁବକ ମୃତ

ଦିଗପହଣ୍ଡି,୧୮।୬(ସମିସ): ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ବଡ଼ବନ୍ଧ ପୋଖରୀରେ ବୁଡ଼ି ଜଣେ ଯୁବକ ମୃତ୍ୟୁବରଣ କରିଛନ୍ତି। ମୃତକ ଜଣଙ୍କ ହେଲେ ଭୀଷ୍ମଗିରି ଗ୍ରାମ ଉଷାକୋଠୀ ଗୋଲା ସାହିର ଏମ.ସାହେବ(୪୭)।ଗୁରୁବାର ଅପରାହ୍ନ ପ୍ରାୟ ୨ ଟାରେ ସାହେବ ପୋଖରୀକୁ ଶୌଚ ପାଇଁ ଯାଇ ନିଖୋଜ ହୋଇଯାଇଥିଲେ।ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କ ସନ୍ଧାନ ମିଳିନଥିଲା। ଅପରାହ୍ନ ପ୍ରାୟ ୪ ଟାରେ ପୋଖରୀରେ କିଛି ବ୍ୟକ୍ତି ଗାଧୋଉଥିବା ବେଳେ ଜଣେ ଯୁବକ ପାଣି ରେ ଭାସୁଥିବା ଦେଖିଥିଲେ। ପରେ ତାଙ୍କୁ ପୋଖରୀ ହିଡ଼ କୁ ଅଣାଯାଇ ଚିହ୍ନଟ କରାଯିବା ପରେ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା।ସମ୍ପର୍କୀୟ ଲୋକେ ତାଙ୍କୁ ଚେତା ଶୂନ୍ୟ ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଦିଗପହଣ୍ଡି ଥାନା ଏଏସଆଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତ ଦେହ ଜବତ କରିବା ସହ ଥାନା ଅପମୃତ୍ୟୁ ମାମଲା ନଂ.୩୨/୨୬ ଅନୁଯାୟୀ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ଡାକ୍ତରଖାନା କୁ ପଠାଇଥିବା ଆଇଆଇସି କିଶୋର ସାମଲ ସୂଚନା ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ୍

ଛତ୍ରପୁର,୧୮।୬(ସମିସ): ଜିଲ୍ଲା ପ୍ରଶାସନ ତରଫରୁ ଆଜି ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ -୨୦୨୬ ଅନ୍ତର୍ଗତ ଏକ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ



ହୋଇଯାଇଛି। ବିପର୍ଯ୍ୟୟ ସମୟର ପ୍ରସ୍ତୁତି, ସମନ୍ୱୟ କ୍ଷମତା ଏବଂ ପ୍ରତିକ୍ରିୟା ବ୍ୟବସ୍ଥାର କାର୍ଯ୍ୟକାରିତାକୁ ପରୀକ୍ଷା କରିବା ଥିଲା ଏହି ଅଭ୍ୟାସର ମୂଳ ଉଦ୍ଦେଶ୍ୟ। ଗଞ୍ଜାମ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ, ବିଶେଷକରି ଘୂର୍ଣ୍ଣିଝଡ଼, ବନ୍ୟା ଏବଂ ବଜ୍ରପାତ ପ୍ରବଣ ଅଞ୍ଚଳ ହୋଇଥିବାରୁ, ଜିଲ୍ଲା ପ୍ରଶାସନ ବିଶେଷକରି କ୍ଷେତ୍ରସ୍ତରରେ ସଦାସର୍ବଦା ପ୍ରସ୍ତୁତ ରହିବା ଆବଶ୍ୟକ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଏହି ଟେବୁଲ୍ ଟପ୍ ଏକ୍ସରସାଇଜ୍ ମାଧ୍ୟମରେ ଏକ କଳ୍ପିତ ବିପର୍ଯ୍ୟୟ ପରିସ୍ଥିତି ସୃଷ୍ଟି କରାଯାଇ, ବିଭିନ୍ନ ବିଭାଗ ତରଫରୁ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ଓ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରାଯାଇଥିଲା।

ଅଭ୍ୟାସ ସମୟରେ ପ୍ରତ୍ୟେକ ବିଭାଗ ନିଜ ନିଜ ଦାୟିତ୍ୱ ଅନୁଯାୟୀ ବିପର୍ଯ୍ୟୟ ପୂର୍ବରୁ ବିପର୍ଯ୍ୟୟ ସମୟରେ ଏବଂ ବିପର୍ଯ୍ୟୟ ପରେ କରାଯିବାକୁ ଥିବା କାର୍ଯ୍ୟାବଳୀ ସମ୍ପର୍କରେ ମତାମତ ଦେଇଥିଲେ । ଏହାଦ୍ୱାରା ବିଭିନ୍ନ ବିଭାଗର ପ୍ରସ୍ତୁତି ସ୍ଥିତି, ଉପଲବ୍ଧ ସମ୍ବଳ, ମାନବ ସମ୍ବଳ ଓ ସମନ୍ୱୟ ବ୍ୟବସ୍ଥାର ମୂଲ୍ୟାଙ୍କନ କରାଯାଇପାରିଛି। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ "ପ୍ରସ୍ତୁତି ହିଁ ଜୀବନ ରକ୍ଷାର ମୂଳମନ୍ତ୍ର"। ସମୟୋପଯୋଗୀ ପ୍ରସ୍ତୁତି, ସଠିକ୍ ସୂଚନା ପ୍ରବାହ ଏବଂ ଅନ୍ତଃବିଭାଗୀୟ ସମନ୍ୱୟ ହିଁ ବିପର୍ଯ୍ୟୟ ସମୟରେ କ୍ଷୟକ୍ଷତିକୁ ସର୍ବନିମ୍ନ କରିଥାଏ । ଏହି ଅଭ୍ୟାସ ମାଧ୍ୟମରେ ଚିହ୍ନଟ ହୋଇଥିବା ଶକ୍ତି ଓ ଦୁର୍ବଳତା ଗୁଡ଼ିକୁ ବିଶ୍ଳେଷଣ କରି ଭବିଷ୍ୟତରେ ଜିଲ୍ଲାର ବିପର୍ଯ୍ୟୟ ପ୍ରସ୍ତୁତି ଓ ପ୍ରତିକ୍ରିୟା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ। ସମସ୍ତେ ମିଳିତ ଭାବେ ଏକ ସୁରକ୍ଷିତ, ସଚେତନ ଓ ସକ୍ଷମ ଗଞ୍ଜାମ ଗଢ଼ି ତୋଳିବା ନେଇ ବୈଠକରେ ସଂକଳ୍ପ ନିଆଯାଇଥିଲା। ରାଜ୍ୟ ନିରୀକ୍ଷକ ତଥା ଓସଡମାର ଜେନେରାଲ୍ ମ୍ୟାନେଜର ବେବିନା ମଞ୍ଜରୀ ନାୟକ, ବିଭାଗୀୟ ଅଧିକାରୀ, ଡେପୁଟି କଲେକ୍ଟର (ଜରୁରୀକାଳୀନ) ସୁନୀଲ ସାଇ ଦେବାଶିଷ ଓ କ୍ଷେତ୍ରସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଚାମେଲିଙ୍କ ପାଇଁ ଗଞ୍ଜାମ ଜିଲ୍ଲା ସରପଞ୍ଚ ସଂଘର ବିକ୍ଷୋଭ

ଛତ୍ରପୁର ୧୮।୬(ସମିସ): କେନ୍ଦ୍ରାପଡା ଜିଲ୍ଲା ଅନ୍ତର୍ଗତ ମହାକାଳପୁର ପଞ୍ଚାୟତ ସମିତି ଅଧୀନ ତିଖିରି ପଞ୍ଚାୟତର ମହିଳା ସରପଞ୍ଚ ଚାମେଲି ଓଝାଙ୍କ ପ୍ରତି ହୋଇଥିବା ଅମାନୁଷିକ କାର୍ଯ୍ୟକଳାପକୁ ବିରୋଧ କରି ଓଡିଶା ସରପଞ୍ଚ ମହାସଂଘର ଆହ୍ୱାନ କ୍ରମେ ଗୁରୁବାର ଗଞ୍ଜାମ ଜିଲ୍ଲା ସରପଂଚ ମହାସଂଘ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ




କରାଯିବା ସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତିଖିରି ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରିବା ପାଇଁ ବ୍ଲକ କାର୍ଯ୍ୟାଳୟକୁ ମହିଳା ସରପଂଚ ଆସିଥିବା ବେଳେ ମହାକାଳପଡା ବିଡିଓ ତାଙ୍କ ବିରୋଧରେ ଚକ୍ରାନ୍ତ ଏବଂ ମିଥ୍ୟା ଅଭିଯୋଗ କରି ଦୁର୍ବବହାର ପ୍ରଦର୍ଶନକୁ ସେମାନେ ବିରୋଧ କରିଛନ୍ତି । ପରେ ତାଙ୍କ ବିରୋଧରେ ମିଥ୍ୟା ମକଦ୍ଦମା ଲଗାଇ ତାଙ୍କୁ ଥାନା ପରିସରକୁ ନିଆଯାଇଥିଲା । ଘଟଣାରେ ସମ୍ପୃକ୍ତ ଥିବା ମହାକାଳପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଥାନାଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେମାନେ ଦାବି କରିଛନ୍ତି। ତାଙ୍କୁ ମାନସିକ ଓ ଶାରିରୀକ ନିର୍ଯାତନା କରାଯାଇଥିବାରୁ ସେ ଏବେ ମେଡିକାଲରେ ଶର୍ଯ୍ୟାଶାୟୀ। ଏଣୁ ଉକ୍ତ ଘଟଣାର ସାମୁଚିକ ନ୍ୟାୟିକ ତଦନ୍ତ କରାଯାଇ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ପ୍ରଦାନ କରିବା ସହିତ ତାଙ୍କୁ ନ୍ୟାୟ ପ୍ରଦାନ କରିବା, ମହାକାଳପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦପ୍ତର ଓ ମହାକାଳପଡା ଥାନାର ସିସିଟିଭି ଓ ଚାମେଲି ଓଝାଙ୍କ ମୋବାଇଲରେ ରେକର୍ଡ ହୋଇଥିବା ସମସ୍ତ ବିଷୟ କୁ ବିଧିବଦ୍ଧ ଭାବେ ସର୍ବ ସମ୍ମୁଖକୁ ଅଣାଯିବା ଓ ତାଙ୍କ ବିରୁଦ୍ଧରେ ମହାକାଳପଡା ବିଡିଓ ଓ ପୋଲିସ୍ ପକ୍ଷରୁ କରାଯାଇଥିବା ମିଥ୍ୟା ମକଦ୍ଦମାକୁ ପ୍ରତ୍ୟାହାର କରାଯାଇ ତାଙ୍କୁ ସସମ୍ମାନେ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ସେମାନେ ଦାବି କରିଛନ୍ତି। ଲୋକଙ୍କ ସରକାରରେ ବୃଦ୍ଧବୃଦ୍ଧାମାନେ ଦୀର୍ଘ ଦିନ ଧରି ଭତ୍ତା ପାଇ ନାହାନ୍ତି, ଅନଲାଇନ ମାଧ୍ୟମରେ ଆବେଦନ କରିଥିଲେ ବି ସେମାନଙ୍କ କୌଣସି କାର୍ଯ୍ୟ ହେଉନାହିଁ। ଏହାକୁ ନେଇ ବିଡିଓଙ୍କ ସହ ଆଲୋଚନା କରିବାକୁ ଯିବା ସମୟରେ ଜନ ପ୍ରତିନିଧି ମାନଙ୍କୁ ଏଭଳି ଦୁର୍ବବହାରକୁ ଗଞ୍ଜାମ ଜିଲ୍ଲା ସରପଂଚ ମହାସଂଘ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। ଗଞ୍ଜାମ ଜିଲ୍ଲା ସରପଂଚ ମହାସଂଘର ସଭାପତି ମନୋରଞ୍ଜନ ଗୌଡଙ୍କ ନେତୃତ୍ୱରେ ବହୁ ପଂଚାୟତର ସରପଞ୍ଚମାନେ ଏକ ଶୋଭାଯାତ୍ରାରେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ସେଠାରେ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ମୃତ ଶିକ୍ଷକଙ୍କ ପତ୍ନୀଙ୍କୁ ମିଳିଲା ଗ୍ରାଚ୍ୟୁଇଟି ଓ ଫ୍ୟାମିଲି ପେନ୍‌ସନ

ବେଲଗୁଣ୍ଠା,୧୮।୬(ସମିସ): ବେଲଗୁଣ୍ଠା ବ୍ଲକରେ ଗୁଣାତ୍ମକ ଶିକ୍ଷାର ପ୍ରଚାର ପ୍ରସାର ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସ୍ୱାର୍ଥ ରକ୍ଷା ଦିଗରେ ନିଜର



ନିଆରା କାର୍ଯ୍ୟକ୍ରମ ପାଇଁ ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷାଧିକାରୀ ଲୋପାମୁଦ୍ରା ରଥ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଇଓ ଶ୍ରୀମତୀ ରଥଙ୍କ ପ୍ରଚେଷ୍ଟାରେ ଗୁରୁବାର ବେଲଗୁଣ୍ଠା ବ୍ଲକ୍‌ରେ ପ୍ରଥମ ଥର ପାଇଁ ନୂତନ ପେନସନ ଯୋଜନା ଭିତ୍ତିକ ଜଣେ ମୃତ ଶିକ୍ଷକଙ୍କ ପତ୍ନୀଙ୍କୁ ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ତରଫରୁ ଯଥୋଚିତ ଗ୍ରାଚ୍ୟୁଇଟି ଏବଂ ଫ୍ୟାମିଲୀ ପେନସନ ପ୍ରଦାନ କରାଯାଇଛି। ସୂଚନା ପ୍ରକାରେ ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ଇନ୍ଦନପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ନୂତନ ପେନସନ ଯୋଜନା ଭିତ୍ତିକ ଶିକ୍ଷକ ଚାଲକ୍ ନାଇକ କିଛି ବର୍ଷ ତଳେ ମୃତ୍ୟୁବରଣ କରିଥିଲେ। ସ୍ୱର୍ଗତ ଶିକ୍ଷକ ଚାଲକ୍ ନାଇକଙ୍କ ଧର୍ମ ପତ୍ନୀ ଝିଲ୍ଲି ନାଇକଙ୍କୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଗ୍ରାଚ୍ୟୁଇଟି ଏବଂ ଫ୍ୟାମିଲି ପେନସନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବିଇଓ ଲୋପାମୁଦ୍ରା ରଥ, ଏବିଇଓ ସିମକ୍ଷଞ୍ଜଳ ଜାନି, ଭାରପ୍ରାପ୍ତ ଏବିଇଓ ସନ୍ତୋଷ ପାତ୍ର, କିରାଣି ଦନାର୍ଦ୍ଦନ ପରିଚ୍ଛା, ପ୍ରଶାନ୍ତ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ଝିଲିଙ୍କୁ ଗ୍ରାଚ୍ୟୁଇଟି ଏବଂ ଫ୍ୟାମିଲି ପେନସନ ପ୍ରଦାନ କରିଥିଲେ। ବେଲଗୁଣ୍ଠା ବ୍ଲକ୍ ରେ ଏହା ପ୍ରଥମ କାର୍ଯ୍ୟକ୍ରମ ହୋଇଥିବାରୁ ବିଇଓ ଶ୍ରୀମତୀ ରଥଙ୍କ କାର୍ଯ୍ୟଧାରାକୁ ଶିକ୍ଷକ ଶିକ୍ଷୟିତ୍ରୀ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି।

## ଛତ୍ରପୁରରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ



ଛତ୍ରପୁର୧୮।୬(ସମିସ) : ଛତ୍ରପୁର ସହରର ଆଗ୍ରାହରମ ସାହିସ୍ଥିତ ଶ୍ରୀ ଶ୍ରୀ ଗୌରୀଶଙ୍କର ମନ୍ଦିର ପ୍ରାଙ୍ଗଣରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ପାଳିତ ହୋଇଯାଇଛି। ବର ପକ୍ଷରୁ ବି. ରଞ୍ଜିତ ଓ ତାଙ୍କ ଧର୍ମପତ୍ନୀ ବି. ପ୍ରିୟା ଏବଂ କନ୍ୟା ପକ୍ଷରୁ ଏ. ନାରାୟଣ ରାଓ ଓ ତାଙ୍କ ଧର୍ମପତ୍ନୀ ଏ. ବୁଲିଆମ୍ମା ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ସେହିପରି ନୀଳକଣ୍ଠେଶ୍ୱର ମନ୍ଦିରରେ ବର ପକ୍ଷରୁ କେ. କଲ୍ୟାଣ କୁମାର ଓ ଧର୍ମପତ୍ନୀ କେ. ଲଳିତା ଏବଂ କନ୍ୟା ପକ୍ଷରୁ ସୂର୍ଯ୍ୟନାରାୟଣ ପଣ୍ଡା ଓ ଧର୍ମପତ୍ନୀ ରାଧାରାଣୀ ପଣ୍ଡା ବିବାହ ସମ୍ପନ୍ନ କରିଥିଲେ। ପୂର୍ବରୁ ମହାଦେବଙ୍କୁ ପାଲିଙ୍କିରେ ବସାଇ ବାଜାବାଦ୍ୟ, ଶଙ୍ଖମହୁରୀ, ହୁଳୁହୁଳୀରେ ସହର ପରିକ୍ରମା କରିବା ପରେ ବିବାହ ମଣ୍ଡପରେ ପହଞ୍ଚିଥିଲେ। ସେଠାରେ ମାତା ପାର୍ବତୀଙ୍କ ସହ ବିବାହ ହୋଇଥିଲା। ସେହିପରି ସହରର ବିରେଶ୍ୱର, ବିଶେଶ୍ୱର, ହରିଣେଶ୍ୱର, ଧବଳେଶ୍ୱର, ଚନ୍ଦ୍ରଶେଖର, ନୀଳକଣ୍ଠେଶ୍ୱର, କାଶୀ ବିଶ୍ୱନାଥ ଆଦି ପୀଠରେ ମଧ୍ୟ ଦେବ ଦମ୍ପତ୍ତିଙ୍କ ବିବାହ କାର୍ଯ୍ୟ ସମ୍ପାଦନ ହୋଇଛି ।

## ପୋଲସରାରେ ବିକାଶର ଧାରା ଓଡ଼ିଶା ସାରା

ପୋଲସରା,୧୮ ।୬(ସମିସ) :ରାଜ୍ୟ ବିଜେପି ସରକାରଙ୍କ ଦୁଇ ବର୍ଷର ସଫଳ ଶାସନ ପୂର୍ତ୍ତି ଗତ ୧୨ ତାରିଖ ଦିନ ହୋଇ ତୃତୀୟ ବର୍ଷରେ ପଦାର୍ପଣ କରିଛି। ଏହି ଦୁଇ ବର୍ଷ ମଧ୍ୟରେ ସମଗ୍ର ରାଜ୍ୟ ସମେତ ପୋଲସରା ବ୍ଲକରେ ହୋଇଥିବା ବିଭିନ୍ନ ଲୋକାଭିମୁଖୀ ଜନ କଲ୍ୟାଣ ଯୋଜନା ଗୁଡ଼ିକର ସଫଳତାକୁ ନେଇ ପୋଲସରା ପଞ୍ଚାୟତ ସମିତି ପ୍ରଶାସନ ପକ୍ଷରୁ ଜୁନ ୧୭ ବୁଧବାର ଠାରୁ ଆସନ୍ତା ୨୦ ତାରିଖ ଶନିବାର ପର୍ଯ୍ୟନ୍ତ ଏକ କାର୍ଯ୍ୟକ୍ରମ ଆରମ୍ଭ



ହୋଇଯାଇଛି। ସ୍ଥାନୀୟ ମାତୃଶକ୍ତି କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମଟି ପୋଲସରା ବିଡ଼ିଓ ଶଶୀଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କଳ୍ପନା କୁମାରୀ ପ୍ରଧାନ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମଟିର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସରକାରଙ୍କ ୨ ବର୍ଷର ବିଭିନ୍ନ କ୍ଷେତ୍ରରେ ହୋଇଥିବା ଏବଂ କରାଯାଇଥିବା କଲ୍ୟାଣମୂଳକ ଯୋଜନାଗୁଡ଼ିକର ରୁପେଲି ପରଦା ଏବଂ ବିଭିନ୍ନ ବିଭାଗର ଷ୍ଟଲ୍ ଦ୍ୱାରା ପ୍ରଦର୍ଶନ କରାଯିବା ସହିତ ସରକାରଙ୍କ ଉକ୍ତ ଯୋଜନା ଗୁଡ଼ିକ ଦ୍ୱାରା ସର୍ବସାଧାରଣ କିଭଳି ଭାବେ ଲାଭାନ୍ୱିତ, ସଠିକ୍ ବ୍ୟବହାର କରି ନିଜର ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବନ ହୋଇପାରିବେ ସେସବୁ ଉପରେ ଆଲୋକପାତ କରାଯାଇଥିଲା। ଉକ୍ତ ସାଂସଦ ପ୍ରତିନିଧି ଶରତ ପାଣିଗ୍ରାହୀ, ପାଣ୍ଡିରିପଡ଼ା ସରପଞ୍ଚ ରଘୁନାଥ ଭୂୟାଁ ଏବଂ ଗୋଚ୍ଛାବାଡି ସରପଞ୍ଚ ପ୍ରତିନିଧି ମନମୋହନ ଗୌଡ଼, ରୁମାଗଡ ସରପଞ୍ଚ ଜିତୁ ବିଷୋୟୀ, ସିଡ଼ିପିଓ ତିଲୋତ୍ତମା ରାଉତ ପ୍ରମୁଖ ଅନ୍ୟତମ ଅତିଥି ଭାବେ ସହଯୋଗ କରିଥିଲେ।

# ଏବେ ବି ପଡ଼ିଛି ୧୨ଶହ ବର୍ଷ ତଳର ମନ୍ଦିର ଭଗ୍ନାଂଶ

ବେଗୁନିଆପଡା,୧୮।୬(ସମିସ): ପାଖାପାଖି ୧୨ଶହ ବର୍ଷ ତଳର ଲକ୍ଷ୍ମୀ ନାରାୟଣଙ୍କର ପ୍ରସ୍ତର ପ୍ରତିମା ଉସ୍ତାଳୀ ନିକଟରେ ଦେଖିବାକୁ ମିଳୁଛି। ଏଠାରେ ସେହି ସମୟର ଥିବା ଲକ୍ଷ୍ମୀ ନାରାୟଣ ମନ୍ଦିରକୁ ସେହି ସମୟରେ କଲ୍ୟାଣୀ ଦେବୀ ଭାଙ୍ଗି ଦେଇଥିବା ଇତିହାସରୁ ଜଣାଯାଏ। ବେଗୁନିଆପଡା ଠାରୁ ଚିଙ୍ଗୁଡ଼ି ଖୋଲ ଯିବା ବେଳେ ଉସ୍ତାଳୀ ପଡ଼େ। ଉସ୍ତାଳୀ ଠାରୁ ପ୍ରାୟ ଗୋଟିଏ କିଲୋମିଟର ଗଲେ ଏହି ସ୍ଥାନ ପ୍ରତୀୟ ମାନ ହୋଇଥାଏ। ଇତିହାସକୁ ଅବଲୋକନ କଲେ ଜଣାଯାଏ ଯେ କଂଗୋଦ ମଣ୍ଡଳ (ଧଉଳି ଠାରୁ ଚିଲିକା କୂଳ ଦେଇ ଋଷିକୂଲ୍ୟା ନଦୀ ତଟ ଦେଶ ପର୍ଯ୍ୟନ୍ତ) ର ରାଜଧାନୀ ଥିଲା ବଙ୍କାଡ଼ ଗଡ଼। ଯାହାକି ଏବେ ଏସିଆ ମହାଦେଶର ସର୍ବ ବୃହତ ଶାଗୁଆନ ଜଙ୍ଗଲ ନିକଟ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ପୁଞ୍ଜିୟାମା ଠାରେ ଅବସ୍ଥିତ। କଂଗୋଦ ମଣ୍ଡଳରେ ସେହି ସମୟରେ ଜ୍ୟେଷ୍ଠ ଭାଇ ଧର୍ମରାଜ ଓ ସାନ ଭାଇ ମଧ୍ୟମ ରାଜଙ୍କ ମଧ୍ୟରେ ଯୁଦ୍ଧ ହେବା ପରେ ସାନ ଭାଇ ମଣ୍ଡଳ ଛାଡି ଚାଲିଯାଇଥିଲେ। ଧର୍ମରାଜଙ୍କ ପତ୍ନୀ କଲ୍ୟାଣୀ ଦେବୀ ସେତେବେଳେ ଧାର୍ମିକ ପରମ୍ପରରେ ଦୀକ୍ଷିତ ଥିଲେ। ଯୁଦ୍ଧ ପରେ ବଙ୍କାଡ଼ଗଡ଼ ଠାରୁ ରାଜଧାନୀ ଉଠି ଗଂଜାଗଡ଼କୁ ସ୍ଥାନାନ୍ତର ହୋଇଥିଲା। ପରେ କୋଦଳାଙ୍କ ମଣ୍ଡଳ ଗଠିତ ହୋଇଥିଲା। ସେହି ସମୟରେ ଖଲ୍ଲିକୋଟ ରାଜା ଦୁର୍ଗା ପ୍ରସନ୍ନ ଖଲ୍ଲିକୋଟ ବ୍ଲକ ସ୍ଥିତ ଝାଡେଶ୍ୱର ନିର୍ମାଣ କରିବା ସହ ସେଇଠି ମୁକ୍ତେଶ୍ୱର ପୂଜା ପାଉଥିଲେ। ଏହା ଖ୍ରୀଷ୍ଟପୂର୍ବ ୭ ମ ଓ ୮ ମ ଶତାବ୍ଦୀ ପୂର୍ବରୁ ହୋଇଥିବା ବେଳେ ଝାଡ଼େଶ୍ୱର ସ୍ଥିତ ମୁକ୍ତେଶ୍ୱର ଙ୍କ ନିକଟକୁ ଲୋକ ଯିବାରେ ଅସୁବିଧା ହେଉଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ କୋଦଳା ଠାରେ ଶ୍ରୀ ଦଣ୍ଡେଶ୍ୱର ଏକ ଲତା ବୁଦା ଆଢୁଆଳରେ ଆବିର୍ଭାବ ହେବା ପରେ ଏଠାରେ ଦଣ୍ଡି ସନ୍ୟାସୀ ତାଙ୍କର ପୂଜାର୍ଚ୍ଚନା କରୁଥିଲେ। ଏହି ମନ୍ଦିର କଲ୍ୟାଣୀ ଦେବୀଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିଲା ଓ ଏହି ଶିବ ଲିଙ୍ଗକୁ ନାସିଚନ୍ଦ୍ରଙ୍କ ଶିଷ୍ୟ ପ୍ରବୋଧ ଚନ୍ଦ୍ର ପ୍ରତିଷ୍ଠା କରିଥିଲେ। ପରେ ପ୍ରବୋଧ ଚନ୍ଦ୍ର ଯେତେବେଳେ ଝାଡେଶ୍ୱର ଆସିଥିଲେ ସେହି ସମୟରେ କଲ୍ୟାଣୀ ଦେବୀ ତାଙ୍କଠାରୁ ଦୀକ୍ଷା ଗ୍ରହଣ କରିବା ସହ ବିଭିନ୍ନ ବିଷ୍ଣୁ ମନ୍ଦିର (ଲକ୍ଷ୍ମୀ ନାରାୟଣ ମନ୍ଦିର) ଗୁଡିକୁ ଭାଙ୍ଗି ଶିବ ମନ୍ଦିର ଓ ଶିବ ଲିଙ୍ଗକୁ ପ୍ରତିଷ୍ଠା କରି ପୂଜାର୍ଚ୍ଚନା କରିବା ଦିଗରେ ପ୍ରୟାସ ଜାରି ରଖିଥିଲେ। ସେହି ସମୟରେ ସେ ପାଖାପାଖି ୫୦୦ ବିଷ୍ଣୁ ମନ୍ଦିର ଭାଙ୍ଗିଥିବା କଥା ଶୁଣାଯାଏ। ସେହି ୭ମ ଓ ୮ମ ଶତାବ୍ଦୀ ମଧ୍ୟ ଭାଗରେ ଏହି ଉସ୍ତାଳୀ ଠାରେ ଏହି ମନ୍ଦିରକୁ ଭାଙ୍ଗିଥିବାର ଅନୁମାନ କରାଯାଏ। ଏଠାରେ ଲକ୍ଷ୍ମୀ ନାରାୟଣଙ୍କ ପ୍ରତିମା ସହ ମନ୍ଦିରର ଭଗ୍ନ ଅଂଶ ଏବେ ପର୍ଯ୍ୟନ୍ତ ଇତସ୍ତତ ହୋଇ ପଡିରହିଥିବା ବେଳେ ଉସ୍ତାଳୀ ଗ୍ରାମବାସୀଙ୍କ ପକ୍ଷରୁ ଏଗୁଡିକୁ ପୁନଃରୁଦ୍ଧାର କରାଯାଇଛି। ଏକ ଗଛ ମୂଳେ ପ୍ରତିମାଙ୍କୁ ଅସ୍ଥାୟୀ ଭାବେ ପୂଜା କରାଯାଉଥିବା ବେଳେ ସେହି ସମୟରେ ଥିବା ମନ୍ଦିରର ଚୁଳ କୁ ସ୍ମାରକୀ ଭାବେ ରଖାଯାଇଛି। ବର୍ତ୍ତମାନ ଏଠାରେ ନୂତନ ଭାବେ ମନ୍ଦିର କାର୍ଯ୍ୟ ଚାଲିଥିବାବେଳେ ମନ୍ଦିର ସମ୍ପୂର୍ଣ୍ଣ ହେଲେ ଏହି ପ୍ରସ୍ତର ପ୍ରତିମାଙ୍କୁ ମନ୍ଦିର ଭିତରେ ଅବସ୍ଥାପିତ କରାଯିବ ବୋଲି ଜଣାପଡିଛି। ମୋଟ ଉପରେ କହିବାକୁ ଗଲେ ଦୀର୍ଘ ୧୨୦୦ କିମ୍ବା ତାଠାରୁ ଅଧିକ ବର୍ଷର ଭଗ୍ନ ମନ୍ଦିରର ଇତିହାସ ଆଜିପର୍ଯ୍ୟନ୍ତ ଲୋକଲୋଚନକୁ ଆସିପାରିନାହିଁ କି ପ୍ରତ୍ନତତ୍ତ୍ୱ ବିଭାଗ ଏହା ଉପରେ କୌଣସି ପଦକ୍ଷେପ ନେଇନାହିଁ।

## ଉସ୍ତାଳୀ ଗ୍ରାମବାସୀଙ୍କ ଦ୍ୱାରା ମୂର୍ତ୍ତି ସ୍ଥାପନ ସହ ନୂତନ ମନ୍ଦିର ନିର୍ମାଣ ପାଇଁ ପ୍ରୟାସ











## ବ୍ଲକସ୍ତରୀୟ ବିକାଶର ଧାରା ଓଡ଼ିଶା ସାରା



ରଙ୍ଗେଇଲୁଣ୍ଡା,୧୮।୬(ସମିସ): ବିକାଶର ଧାରା ଓଡ଼ିଶା ସାରା ରଙ୍ଗେଇଲୁଣ୍ଡା ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୩ଦିନ ପର୍ଯ୍ୟନ୍ତ ଚାଲୁ ରହିବ। ସଦ୍‌ଭବନା କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଡିଓ ବିଶ୍ୱଜିତ ରାୟ, ଗୋଷ୍ଠି ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା, ଏବିଡ଼ିଓ ସଂଗୀତା ନାୟକ, ଫାଇନାନ୍ସ ଅଫିସର ସନ୍ଧ୍ୟାରାଣୀ ସୂଆର, ଅବସରପ୍ରାପ୍ତ ସ୍ପେଶାଲ ଅଫିସର ଆଇଟିଡ଼ିଏ ଜ୍ୟୋତି କୃଷ୍ଣ ବେହେରାଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ଗତ ଦୁଇବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଉପଲବ୍ଧି ଓ ଯୋଜନା ସମ୍ପର୍କରେ କହିବା ସହ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ କୁହାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତିର୍ଣ୍ଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମନୋରଞ୍ଜନ ଲାଗି ଓଡ଼ିଶୀ ଓ ସମ୍ବଲପୁରି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କିଛି ଜନ ପ୍ରତିନିଧି ଉପସ୍ଥିତ ଥିବା ବେଳେ ଆଉ କିଛି ଅନୁପସ୍ଥିତ ଥିଲେ। କାର୍ଯକ୍ରମରେ ବିପିଏମ୍ ସୋନାଲି ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସନ୍ତୋଷ ଆଚାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ଼ବ୍ଲୁଇଓ ବି ନୀକିତା ରାଣୀ ପାତ୍ର, ଜିପିଟିଓ ସନ୍ତୋଷ ବେହେରା, ଜଜାତି ପାତ୍ର, ବିଏସଏସଓ ଲକ୍ଷ୍ମୀନୃସିଂହ ପଟ୍ଟନାୟକ, ଏଆଓ ସମୀକ୍ଷା ମହାରଣା, ସିଡ଼ିପିଓ ସଂଘମିତ୍ରା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଫେରାର ଅଭିଯୁକ୍ତଙ୍କୁ ଧରିବାରେ ପୁଲିସ ବିଫଳ !

ବ୍ରହ୍ମପୁର,୧୮।୬(ସମିସ):

ଫେରାର ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ବ୍ରହ୍ମପୁର ପୁଲିସ। ତେବେ ଏଭଳି ଅଭିଯୁକ୍ତଙ୍କୁ ପୁଲିସ ଜାଣିଶୁଣି ଧରୁନି ଅଥବା ଅନ୍ୟ କିଛି କାରଣ ରହିଛି ତାହା ମଧ୍ୟ ସ୍ପଷ୍ଟ ହେଉନି। କେତେକ ଘଟଣାକୁ ପୁଲିସ ଦେହକୁ ନେଇ କାମ କରୁଥିବା ବେଳେ ଆଉ କେତେକ ଘଟଣାରେ ପୁଲିସ ଆଦୌ ଧ୍ୟାନ ନଦେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ବିଭିନ୍ନ ସମୟରେ ପୁଲିସ ରାଜନୈତିକ ଚାପ ଅଥବା ବ୍ୟସ୍ତତା କାରଣରୁ ଅପରାଧୀଙ୍କୁ ଧରିବାରେ ସମସ୍ୟା ରହୁଥିବା ମଧ୍ୟ କୁହାଯାଉଛି। ପ୍ରକାଶ ଯୋଗ୍ୟ ଯେ' ଗତ ଜାନୁଆର ୧୫ତାରିଖରେ ଅମିତ ମୁଖୀ ନାମକ ଜଣେ ଯୁବକଙ୍କ ଉପରେ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଆକ୍ରମଣରେ ଅମିତ ମୁଖୀ ଗୁରୁତର ଆହତ ହୋଇ ପ୍ରଥମେ ବ୍ରହ୍ମପୁର ଏମକେସିଜି ପରେ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିଲେ। ଘଟଣାର ଦିର୍ଘ ୫ମାସ ପରେ ମଧ୍ୟ ଅମିତ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ହତ୍ୟା ଉଦ୍ୟମ ଭଳି ଘଟଣାକୁ ନେଇ ଆହତ ଅମିତ ମୁଖୀଙ୍କ ପତ୍ନୀ ତୁଳସୀ ମୁଖୀଙ୍କ ଏତଲା ପ୍ରକାରେ ମୋଟ

**'ଅମିତ୍ ମୁଖୀ' ଆକ୍ରମଣ ଘଟଣାକୁ ବିତିଲାଣି ୫ମାସ, ତଥାପି ବହୁ ଅଭିଯୁକ୍ତ ଫେରାର**

**ଘଟଣା ପରଠାରୁ ଡାକ୍ତରଖାନାରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି ଆକ୍ରମଣର ଶୀକାର**

୭ଜଣଙ୍କ ନାମରେ ବୈଦ୍ୟନାଥପୁର ଥାନାର ପୁଲିସ ମାମଲା ରୁଜୁ କରିଛି। ସେଥିମଧ୍ୟରୁ ୩ରୁ୪ଜଣଙ୍କୁ ପୁଲିସ ଗିରଫ ମଧ୍ୟ କରିଛି। ତେବେ ଗିରଫ ବ୍ୟକ୍ତିଙ୍କ ବିରୁଦ୍ଧରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଚାର୍ଜସିଟ ଦେବାରେ ଟାଳଟୁଳ ନିତି ମଧ୍ୟ ଅବଲମ୍ବନ କରୁଥିବା




ଅଭିଯୋଗ ହୋଇଥିଲା। ପରେ ବ୍ରହ୍ମପୁର ଏସପିଙ୍କ ହସ୍ତକ୍ଷେପ ପରେ ତଦନ୍ତକାରୀ ଅଧିକାରୀ ନିର୍ଦ୍ଧାରିତ ସମୟରେ ପ୍ରାଥମିକ ଚାର୍ଜସିଟ ଦାଖଲ କରିବା ଫଳରେ ଗିରଫ ଅଭିଯୁକ୍ତଙ୍କ ଜାମୀନରେ ମୁକୁଳିବା ଆଶା ବିଫଳ ହୋଇଥିଲା। ଘଟଣାରେ ସମ୍ପୃକ୍ତ ଅନ୍ୟ ପ୍ରାୟ ୩ରୁ୪ଜଣ ବର୍ତ୍ତମାନ ସୁଦ୍ଧା ଫେରାର ଥିବା ବେଳେ ସେମାନଙ୍କ ମଧ୍ୟରୁ କେତେକଙ୍କର ହାଇକୋର୍ଟରେ ମଧ୍ୟ ଆଗୁଆ ଜାମୀନ ଆବେଦନ ଖାରଜ ହୋଇଥିବା ସୂଚନା ମିଳିଛି। ଏଭଳି ପରିସ୍ଥିତିରେ ଆକ୍ରମଣରେ ଆହତ ଅମିତ ମୁଖୀ ଚିକିତ୍ସାଧିନ ଥିବା ବେଳେ ଆକ୍ରମଣକାରୀ ଯୁବକମାନେ ବାହାରେ ଖୁଲମଖୁଲ୍ଲା ବୁଲୁଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଅମିତଙ୍କ ପରିବାର ବର୍ଗ ନିଜକୁ ଅସୁରକ୍ଷିତ ମଣୁଥିବା କହିଛନ୍ତି। ଏହି ଘଟଣାକୁ ଦିର୍ଘ ୫ମାସ ବିତି ଯାଇଥିବା ବେଳେ ଫେରାର ଅଭିଯୁକ୍ତଙ୍କୁ ପୁଲିସ ଧରିବାରେ ବିଫଳ ହୋଇଛି। ଏହା କେବଳ ଏକମାତ୍ର ଘଟଣା ନୁହେଁ ବରଂ ଏଭଳି ଅନେକ ଘଟଣା ରହିଛି ଯେଉଁଥିରେ ଫେରାର ଅଭିଯୁକ୍ତଙ୍କୁ ପୁଲିସ ଧରିବାରେ ବିଫଳ ରହିଛି। ସହରର ବହୁ ଚର୍ଚ୍ଚିତ ଗିରିରୋଡ ବିଚ ରାସ୍ତାରେ ଉମେଶ ରଥଙ୍କୁ ଆକ୍ରମଣ ଘଟଣା ହେଉ ଅଥବା ଅମ୍ବିକା ନଗରରେ ମଙ୍ଗଳା ବେହେରାଙ୍କ ଉପରେ ଆକ୍ରମଣ ଘଟଣା। ଏପରିକି ଖୋଦ୍ ଏମଭି କନଷ୍ଟେବଲ ଆଶୁତୋଷ ମୃଦଙ୍ଗିଆଙ୍କ ଆତ୍ମହତ୍ୟା ଉଦ୍ୟମ ଓ ପରବର୍ତ୍ତି ସମୟରେ ତାଙ୍କର ମୃତ୍ୟୁ ଘଟଣାରେ ନିଜେ ଆଶୁତୋଷଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀରେ ସେ ସ୍ପଷ୍ଟ କରିଥିବା ସତ୍ତ୍ୱେ ସେହି ଘଟଣାରେ ମଧ୍ୟ ପୁଲିସ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରିନଥିବା ଜଣାପଡିଛି। ଏଭଳି ବିଭିନ୍ନ ଚର୍ଚ୍ଚିତ ଘଟଣାରେ ପୁଲିସର ବିଫଳତାକୁ ନେଇ ସାଧାରଣରେ ଆଲୋଚନା ହେବା ସହିତ ପୁଲିସର କାର୍ଯ୍ୟଦକ୍ଷତାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ରାମକୃଷ୍ଣନଗରରେ ତିନି ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବ୍ରହ୍ମପୁର, ୧୮।୬(ସମିସ): ବ୍ରହ୍ମପୁର ମହାନଗର ନିଗମ ୧୫ ନମ୍ବର ୱାର୍ଡ଼ ଅଧୀନ ରାମକୃଷ୍ଣନଗର ପଞ୍ଚମ ଲାଇନ୍‌ରେ ପାଞ୍ଚଦିନବ୍ୟାପୀ ଭଗବତୀ ମହାଲକ୍ଷ୍ମୀ, ଗଣେଶ ଓ ସରସ୍ୱତୀଙ୍କ ବିଗ୍ରହ ଏବଂ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗତ ୧୭ ତାରିଖରୁ ଆରମ୍ଭ ହୋଇଛି। ଏହି ଅବସରରେ କଳସଯାତ୍ରା ସହ ମଣ୍ଡଳ, ନାମଯଜ୍ଞ ଅଧିବାସ, ଦୀକ୍ଷାଗ୍ରହଣ ଓ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ପୂଜକ ଅଶୋକ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ଓ ନୀତି ଜାରି ରହିଛି। ମନ୍ଦିର ପରିଚାଳନା କମିଟି ସଭାପତି ଆର୍.ମୁରଳୀ ମୋହନ ଓ ପତ୍ନୀ ତଥା ସ୍ଥାନୀୟ କର୍ପୋରେଟର ଆର୍.ପାବନିଙ୍କ ସମେତ ସହସ୍ରାଧିକ ମହିଳା ଜଳ କଳସଯାତ୍ରାରେ ସାମିଲ ହୋଇଥିଲେ। ସାହିରେ ଆଧ୍ୟାତ୍ମିକମୟ ପରିବେଶ ସୃଷ୍ଟି ହୋଇଥିଲା। ଆଜି ବନଯୋଗ, ରତ୍ନମୁଦ୍ରା ଓ ନାମଯଜ୍ଞ ଆରମ୍ଭ ହୋଇଛି। ଆସନ୍ତାକାଲି ପ୍ରତିଷ୍ଠାରମ୍ଭ, ବ୍ରାହ୍ମଣବରଣ, ଶାଳା ସଂସ୍କାର, ମଣ୍ଡଳପୂଜା, ବୈଦିକାଗ୍ନି ସ୍ଥାପନ ଓ ଦେବତାଧିବାସ, ୨୦ ତାରିଖରେ ମହାସ୍ନାନ, ଦେବତା ସ୍ୱସ୍ତିକ ମଣ୍ଡଳେ ଶୟନ, ମଣ୍ଡଳ ପୂଜା, ଘୃତଯଜ୍ଞ ଓ ଜୀବନ୍ୟାସ ଏବଂ ୨୧ ତାରିଖରେ ଦେବତା ପ୍ରବେଶ ଓ ବିଭିନ୍ନ ନୀତି ସମେତ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ।ପ୍ରତିଦିନ ହାଜର ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଅର୍ଣ୍ଣ ପ୍ରସାଦର ବ୍ୟବସ୍ଥା କରାଯାଉଛି। ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇ ବିଭୁକୃପା ଲାଭ କରିବାକୁ ମନ୍ଦିର କମିଟି ପକ୍ଷରୁ ସଭାପତି ଶ୍ରୀ ମୁରଲୀମୋହନ ନିବେଦନ କରିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ବ୍ରହ୍ମପୁର,୧୮।୬(ସମିସ); ସଦର ଥାନା ଅନ୍ତର୍ଗତ ବାଲିପଡା ରାସ୍ତାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଲେ ବାଲିପଡା ଗ୍ରାମର ଗଙ୍ଗାଧର ପାଣିଗ୍ରାହୀ(୩୫) । ସୂଚନାଯୋଗ୍ୟ ଯେ, ବାଲିପଡା ଗ୍ରାମ ସ୍ୱର୍ଗତ କାଳିଆ ପାଣିଗ୍ରାହିଙ୍କ ଗଙ୍ଗାଧର ଆଜି ଭୋରୁ ୫ଟା ସମୟରେ ଗ୍ରାମ ନିକଟରେ ଥିବା ଏକ ପୋଖରୀକୁ ଗାଧେଇବାକୁ ଯିବା ସମୟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କାଦେବା ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଏମକେସିଜି ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ଗଙ୍ଗାଧରଙ୍କ ଭାଇ ଗଗନ ପାଣିଗ୍ରାହି ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ପୁଲିସ କହିଛି। ବର୍ତ୍ତମାନ ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡିଛି।

## ମୁମ୍ବାଇ ଗଲେ ୨୧ ଜନ୍ମଗତ ହୃଦ୍‌ରୋଗରେ ପୀଡ଼ିତ ଶିଶୁ

ବ୍ରହ୍ମପୁର,୧୮।୬(ସମିସ): ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ) ଅଧୀନରେ ୨୧ଜଣ ଜନ୍ମଗତ ହୃଦ୍‌ରୋଗ(ସିଏଚ୍‌ଡି)ରେ ପୀଡ଼ିତ ଶିଶୁଙ୍କୁ ଉନ୍ନତ ଚିକିତ୍ସା ପାଇଁ ମୁମ୍ବାଇସ୍ଥିତ ଏସ୍‌ଆର୍‌ସିସି ହସ୍ପିଟାଲକୁ ପଠାଯାଇଛି। ଏହି ଶିଶୁମାନେ ସେମାନଙ୍କ ଅଭିଭାବକଙ୍କ ସହ ଚିକିତ୍ସା ପାଇଁ ଯାତ୍ରା କରିଥିବାବେଳେ ଆର୍‌ବିଏସ୍‌କେର ଡା. ଗୋଷ୍ଠବିହାରୀ ପାତ୍ର, ଡା. ସତ୍ୟନାରାୟଣ ପୋଲାଇ, ଡା. ମନୋରଞ୍ଜନ ପଣ୍ଡା ଏବଂ ଡା. କିରଣ କୁମାର ପଣ୍ଡିତ ଏସ୍କର୍ଟରେ ଯାଇଛନ୍ତି। ଯାତ୍ରାର ଶୁଭାରମ୍ଭ ଓ ସମନ୍ୱୟ କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଭବାନୀ ଶଙ୍କର ମିଶ୍ର, ଡିଏମ୍‌ଓ ତଥା ସିଟି ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ବିଶ୍ୱମ୍ବର ବେହେରା, ଡିଇଆଇସିର ଶିଶୁ ରୋଗ ବିଶେଷଜ୍ଞ ଡା. ବିଜୟ କୁମାର ପାଣିଗ୍ରାହୀ, ମେଡିକାଲ ଅଫିସର ଡା. ଆର୍. ଜଗଦୀଶ ପଟ୍ଟନାୟକ



ଓ ଡିପିଏମ୍ ବୁଲୁନାଥ ସାହୁ ଉପସ୍ଥିତ ଥିଲେ। ଆର୍‌ବିଏସ୍‌କେ ପରିଚାଳିକା ଲୋପାମୁଦ୍ରା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡିଇଆଇସି କର୍ମଚାରୀ ଏବଂ ସମ୍ପୃକ୍ତ ମୋବାଇଲ୍ ହେଲ୍ଥ ଟିମ୍‌ର ଆୟୁଷ ଡାକ୍ତର, ଫାର୍ମାସିଷ୍ଟ ଓ ଏଏନ୍‌ଏମ୍‌ମାନେ ମଧ୍ୟ ସହଯୋଗ କରିଥିଲେ।

## ଲିଫ୍ଟ ଅଚଳ; ଫସିଗଲେ ଆଇନଜୀବୀ



ବ୍ରହ୍ମପୁର, ୧୮।୬ (ସମିସ): ବ୍ରହ୍ମପୁର ସ୍ଥିତ ଜିଲ୍ଲା କୋର୍ଟରେ ଥିବା ଏକମାତ୍ର ଲିଫ୍ଟ ଅଚଳ ହୋଇ ଯାଇଥିଲା। ଏଥିରେ ଜଣେ ବରିଷ୍ଠ ଆଇନଜୀବୀ ଫସି ଯାଇଥିଲେ। ଆଇନଜୀବୀ କେସି ପଟ୍ଟନାୟକ ପ୍ରଥମ ମହଲାରୁ ତଳ ମହଲାକୁ ଆସୁଥିବା ବେଳେ ହଠାତ ଲିଫ୍ଟ ଅଚଳ ହୋଇଥିଲା। ଫଳରେ ୨୦ମିନିଟ୍‌ରୁ ଅଧିକା ସମୟ ସେ ସେଥିରେ ରହିଥିଲେ। ପରେ ଟେକ୍‌ନିସିଆନ୍ ଆସି ତାଙ୍କୁ ଉଦ୍ଧାର କରିବା ସହ ଏହାର ମରାମତି କରିଥିଲେ।

**■ ବିଶ୍ୱ ସିକଲ ସେଲ୍ ସଚେତନତା ଦିବସ**

## ୬ ବର୍ଷରେ ତିନି ଗୁଣା ବଢୁଛି ରୋଗୀଙ୍କ ସଂଖ୍ୟା

**ଅଭାବ ରହୁଛି ସଚେତନତା, ଚିନ୍ତାରେ ସ୍ୱାସ୍ଥ୍ୟ ବିଶେଷଜ୍ଞ**



ବ୍ରହ୍ମପୁର,୧୮।୬(ସମିସ): ପ୍ରତିବର୍ଷ ଜୁନ୍ ୧୯ ତାରିଖକୁ ବିଶ୍ୱ ସିକଲ ସେଲ୍ ସଚେତନତା ଦିବସ ଭାବେ ପାଳନ କରାଯାଏ। ଏହି ଦିବସର ଉଦ୍ଦେଶ୍ୟ ସିକଲ ସେଲ୍‌ରୋଗ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ହୋଇଥିବାବେଳେ, ବାସ୍ତବ ଚିତ୍ର କିନ୍ତୁ ଚିନ୍ତାଜନକ ରହିଛି। ସଚେତନତାର ଅଭାବ, ସମୟରେ ପରୀକ୍ଷା ନ ହେବା ଓ ଜନସାଧାରଣଙ୍କ ମଧ୍ୟରେ ରୋଗ ସମ୍ପର୍କିତ ଅଜ୍ଞତା କାରଣରୁ ସିକଲ ସେଲ୍ ରୋଗୀଙ୍କ ସଂଖ୍ୟା ଲଗାତାର ବଢ଼ିଚାଲିଛି। ଜିଲ୍ଲାର ବିଭିନ୍ନ ବ୍ଲକରେ ଏହି ବଂଶଗତ ରକ୍ତରୋଗର ପ୍ରଭାବ ଅଧିକ ଦେଖାଯାଉଛି। ଏମକେସିଜି ମେଡ଼ିକାଲ ରକ୍ତ ଭଣ୍ଡାରର ତଥ୍ୟ ଅନୁସାରେ, ଗତ ୬ ବର୍ଷ ମଧ୍ୟରେ ସିକଲ ସେଲ୍ ରୋଗୀଙ୍କ ସଂଖ୍ୟା ପ୍ରାୟ ତିନି ଗୁଣା ବୃଦ୍ଧି ପାଇଛି। ଗତ ୨୦୨୦ମସିହାରେ ଏମକେସିଜି ମେଡ଼ିକାଲ ରକ୍ତ ଭଣ୍ଡାରରେ ମାତ୍ର ୩୮ଜଣ ରୋଗୀ ଚିହ୍ନଟ ହୋଇଥିବା ବେଳେ ଚଳିତ ବର୍ଷ ଜୁନ ୧୮ ତାରିଖ ସୁଦ୍ଧା ରୋଗୀଙ୍କ ସଂଖ୍ୟା ୯୮ରେ ପହଞ୍ଚିଛି। ନିୟମିତ ସ୍କ୍ରିନିଂ ଓ ପରୀକ୍ଷା ବୃଦ୍ଧି ପାଇଥିବାରୁ ଅଧିକ ରୋଗୀ ଚିହ୍ନଟ ହେଉଥିବା ସତ୍ତ୍ୱେ, ସଚେତନତାର ଅଭାବ ଏବେ ମଧ୍ୟ ଏକ ବଡ଼ ଚ୍ୟାଲେଞ୍ଜ ହୋଇ ରହିଛି। ୨୦୨୦ ମସିହାରେ ରୋଗୀଙ୍କ ସଂଖ୍ୟା ୩୮ ରହିଥିବା ବେଳେ ୨୦୨୧ରେ ୫୫ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ସେହିପରି ୨୦୨୨ରେ ୫୭, ୨୦୨୩ରେ ୮୪, ୨୦୨୪ରେ ୧୧୨, ୨୦୨୫ରେ ୩୭ଜଣଙ୍କ କ୍ଷେତ୍ରରେ ଚିହ୍ନଟ ହୋଇଥିବା ବେଳେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ମୋଟ ୯୮ଟି ରୋଗୀ ଚିହ୍ନଟ ହୋଇଛନ୍ତି। ସିକଲ ସେଲ୍ ରୋଗ ଏକ ବଂଶଗତ ରକ୍ତ ବିକାର। ଏଥିରେ ଲୋହିତ ରକ୍ତ କଣିକା ସାଧାରଣ ଆକାର ବଦଳରେ କାଷ୍ଟେ ବା ସିକଲ ଆକାର ଧାରଣ କରିଥାଏ। ଫଳରେ ଶରୀରର ବିଭିନ୍ନ ଅଙ୍ଗକୁ ଅକ୍ସିଜେନ୍ ପହଞ୍ଚାଇବାରେ ବାଧା ସୃଷ୍ଟି ହୋଇଥାଏ ଏବଂ ରୋଗୀମାନେ ଅସହ୍ୟ ଯନ୍ତ୍ରଣା, ରକ୍ତହୀନତା ଓ ଅନ୍ୟାନ୍ୟ ଜଟିଳ ସମସ୍ୟାରେ ପୀଡ଼ିତ ହୁଅନ୍ତି। ବିବାହ ପୂର୍ବରୁ ଓ ଗର୍ଭଧାରଣ ପୂର୍ବରୁ ସିକଲ ସେଲ୍ ପରୀକ୍ଷା କରାଇବା, ନବଜାତ ଶିଶୁଙ୍କ ସ୍କ୍ରିନିଂ ଏବଂ ଗ୍ରାମାଞ୍ଚଳରେ ବ୍ୟାପକ ସଚେତନତା ଅଭିଯାନ ଚଳାଇବା ଦ୍ୱାରା ଏହି ରୋଗର ପ୍ରଭାବକୁ ଅନେକାଂଶରେ ରୋକାଯାଇପାରିବ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ବିଶ୍ୱ ସିକଲ ସେଲ୍ ସଚେତନତା ଦିବସରେ କେବଳ କାର୍ଯ୍ୟକ୍ରମ ପାଳନ ନୁହେଁ, ବରଂ ଲୋକଙ୍କ ମଧ୍ୟରେ ବାସ୍ତବ ସଚେତନତା ସୃଷ୍ଟି କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ**

## 'ଷ୍ଟାଫ କ୍ୱାର୍ଟର୍ସ' ଆବଣ୍ଟନରେ ଅନିୟମିତତା ଅଭିଯୋଗ

**କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ ଅଭାବ ଥିବାବେଳେ ଅଣକର୍ମଚାରୀଙ୍କୁ କ୍ୱାର୍ଟର୍ସ ଦିଆଯାଇଥିବା ଅଭିଯୋଗ**




**ରାଜସ୍ୱ କ୍ଷତି ସହିଛି ବିଶ୍ୱବିଦ୍ୟାଳୟ, ଘଟଣାର ନିରପେକ୍ଷ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି : ପୂର୍ବତନ କୁଳପତି**

**ବିଶ୍ୱବିଦ୍ୟାଳୟର 'କ୍ୱାର୍ଟର୍ସ ଆବଣ୍ଟନ କମିଟି' ବୈଠକ ଆଜି, ଅଭିଯୋଗ ସମ୍ପର୍କରେ ହେବ ବିସ୍ତୃତ ଆଲୋଚନା**

ବ୍ରହ୍ମପୁର,୧୮।୬(ସମିସ): ବିଭିନ୍ନ ପ୍ରସଙ୍ଗରେ ବିବାଦ ଓ ଅନିୟମିତତା ଅଭିଯୋଗ ଯେମିତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପିଛା ଛୁଡୁନି। କେତେବେଳେ ଅସ୍ମିତା ତ ଆଉ କେତେବେଳେ ଦୁର୍ନିତି ଭଳି ଘଟଣା ପଦାକୁ ଆସିଛି। ବର୍ତ୍ତମାନ ପୁଣି କ୍ୟାମ୍ପସରେ ଥିବା କର୍ମଚାରୀଙ୍କ କ୍ୱାର୍ଟର୍ସ ଆବଣ୍ଟନକୁ ନେଇ ଆସିଛି ସଙ୍ଗୀନ ଅଭିଯୋଗ। ଗତ ୨ରୁ୩ବର୍ଷ ମଧ୍ୟରେ କ୍ୟାମ୍ପସରେ ଥିବା କ୍ୱାର୍ଟର ଆବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆସିଛି। ଏଭଳି ଅଭିଯୋଗ ଆଣିଛନ୍ତି ଖୋଦ୍ ପୂର୍ବତନ କୁଳପତି ପ୍ରଫେସର ଜୟନ୍ତ ମହାପାତ୍ର। ପୂର୍ବ କୁଳପତିଙ୍କ ସମୟରେ ଏଭଳି ଅନିୟମିତା ହୋଇଥିବା ବେଳେ ଏହା ବିଶ୍ୱବିଦ୍ୟାଳୟ ନିୟମ ୨୭୪ ଏବଂ ୨୮୧ର ଖୋଲାଖୋଲି ଉଲଂଘନ ବୋଲି ଦର୍ଶାଇଛନ୍ତି। କ୍ୱାର୍ଟର ଆବଣ୍ଟନ କ୍ଷେତ୍ରରେ ସିଣ୍ଡିକେଟ ନିଷ୍ପତ୍ତି ପ୍ରକାରେ ଏଥିରେ କୁଳପତିଙ୍କର ନୁହେଁ ବରଂ କ୍ୱାର୍ଟର ଆବଣ୍ଟନ କମିଟିର ନିଷ୍ପତ୍ତି ଉପରେ ନିର୍ଭର କରିଥାଏ। ତେବେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଥିବା କେତେକ କ୍ୱାର୍ଟରକୁ ଅଣ କର୍ମଚାରୀ ତଥା ଘରୋଇ ଏଜେନ୍ସିକୁ ମଧ୍ୟ ପ୍ରଦାନ କରାଯାଇଥିବା ଭଳି ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ସମ୍ପୃକ୍ତ ଅଣକର୍ମଚାରୀ ଓ ଘରୋଇ ଏଜେନ୍ସି ମାନେ ମଧ୍ୟ କ୍ୱାର୍ଟର ବାବଦରେ କୌଣସି ଦେୟ ଦେଉନଥିବାରୁ ବିଶ୍ୱବିଦ୍ୟାଳୟକୁ ଏବାବଦରେ ବହୁ ରାଜସ୍ୱ କ୍ଷତି ସହିବାକୁ ପଡୁଥିବା ଅଭିଯୋଗ ହୋଇଛି। ଏକ୍ଷେତ୍ରରେ ଦାୟିତ୍ୱରେ ଥିବା ଅଧିକାରୀ ଓ ବ୍ୟକ୍ତିବିଶେଷ ସଠିକ ଭାବେ ଦାୟିତ୍ୱ ସମ୍ପାଦନ ନକରି ବରଂ କୁଳପତିଙ୍କୁ ଖୁସି କରିବାକୁ ଯାଇ ପରୋକ୍ଷରେ ସହଯୋଗ କରିଥିବା ଅଭିଯୋଗ ହୋଇଛି। ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କ ପାଇଁ କ୍ୱାର୍ଟରର ଘୋର ଅଭାବ ଥିବା ବେଳେ ସେଥିରେ ଅଣକର୍ମଚାରୀ ଓ ଘରୋଇ ସଂସ୍ଥାର ବ୍ୟକ୍ତିବିଶେଷଙ୍କୁ କେଉଁ ସ୍ୱାର୍ଥରେ କ୍ୱାର୍ଟର ଆବଣ୍ଟନ କରାଯାଇଛି ତାକୁ ନେଇ ଉଠିଛି ପ୍ରଶ୍ନ। ଘଟଣାର ନିରପେକ୍ଷ ତଥା ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ପୂର୍ବତନ କୁଳପତି ପ୍ରଫେସର ଜୟନ୍ତ ମହାପାତ୍ର ଦାବି କରିଛନ୍ତି। ସେପଟେ ଅଭିଯୋଗ ଆଧାରରେ ଆସନ୍ତା କାଲି ହେବାକୁ ଥିବା ବିଶ୍ୱବିଦ୍ୟାଳୟର କ୍ୱାର୍ଟର ଆବଣ୍ଟନ କମିଟି ବୈଠକରେ ଏନେଇ ବିସ୍ତୃତ ଆଲୋଚନା ହେବ ବୋଲି ସୂଚନା ମିଳିଛି। କମିଟିର ଅଧ୍ୟକ୍ଷ ତଥା କୁଳସଚିବ ଅଶୋକ କୁମାର ଧେଙ୍ଗଡାମାଝିଙ୍କ ଅଧ୍ୟକ୍ଷତାରେ ବସିଥିବାକୁ ଥିବା ଏହି ବୈଠକରେ ପିଜି କାଉନସିଲ ଅଧ୍ୟକ୍ଷ, ଯୁଗ୍ମ କୁଳସଚିବ ଓ ଉନ୍ନୟନ ଅଧିକାରୀଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହିବେ। କ୍ୟାମ୍ପସରେ କେତେ କ୍ୱାର୍ଟର ରହିଛି, ସେଗୁଡିକର ସ୍ଥିତି କଣ, କେତେଜଣଙ୍କୁ ଆବଣ୍ଟନ କରାଯାଇଛି ଓ କେତେ ଖାଲି ରହିଛି ଏବଂ ସମସ୍ତଙ୍କ ଠାରୁ ଭଡା ବାବଦ ଅର୍ଥ ଆସୁଛି କି ନାହିଁ ଏବଂ ଯଦି କିଛି ଅଣକର୍ମଚାରୀ ବା ଘରୋଇ ସଂସ୍ଥାର ଲୋକଙ୍କୁ ଦିଆଯାଇଛି କେଉଁ ଆଧାରରେ ଦିଆଯାଇଛି ସେସବୁ ବିଷୟ ଉପରେ ବିସ୍ତୃତ ଆଲୋଚନା ହେବ ବୋଲି ଜଣାପଡିଛି। କ୍ୟାମ୍ପସରେ କର୍ମଚାରୀଙ୍କ ପାଇଁ କ୍ୱାର୍ଟରର ଅଭାବ ଥିବା ବେଳେ ବହୁ କର୍ମଚାରୀ ବ୍ରହ୍ମପୁର, ଛତ୍ରପୁର ଅଥବା ଗୋପାଳପୁରରେ ରହୁଛନ୍ତି। ସେପଟେ କର୍ମଚାରୀଙ୍କ ପାଇଁ ପୂର୍ବରୁ ଚାଲୁଥିବା ବସ ବ୍ୟବସ୍ଥା ମଧ୍ୟ ବନ୍ଦ କରାଯାଇଛି। ଏଭଳି ପରିସ୍ଥିତିରେ ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି।

**ମୌସୁମୀର ପ୍ରତାରଣା**

## ବର୍ଷା ଦୁର୍ବଳ; ଜମି ମାଡୁନି ହଳ, ଲଙ୍ଗଳ



ବ୍ରହ୍ମପୁର,୧୮।୬(ସମିସ): ଚଳିତବର୍ଷ ମୌସୁମୀ ଗଞ୍ଜାମ ଜିଲ୍ଲାର ଚାଷୀଙ୍କୁ ନିରାଶ କରିଛି। ସାଧାରଣତଃ ରଜ ପର୍ବ ବେଳକୁ ଜିଲ୍ଲାରେ ଭଲ ବର୍ଷା ହୋଇ ଖରିଫ ଚାଷ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇଥାଏ। ଚାଷୀମାନେ ତଳିଘରା ପ୍ରସ୍ତୁତ କରିବା ସହ ଜମିରେ ହଳ ଓ ଲଙ୍ଗଳ ଚଳାଇ ଧାନ ବୁଣା କାର୍ଯ୍ୟ ଆରମ୍ଭ କରିଥାନ୍ତି। ମାତ୍ର ଚଳିତବର୍ଷ ରଜ ସରିବା ପରେ ମଧ୍ୟ ଆଖିଦୃଶିଆ ବର୍ଷା ନ ହେବାରୁ ଜିଲ୍ଲାର ଚାଷୀକୂଳ ଗଭୀର ଚିନ୍ତାରେ ପଡ଼ିଛନ୍ତି। ଗତ କିଛି ଦିନ ଧରି ଆକାଶରେ ମେଘ ଦେଖାଦେଉଛି, ଘଡ଼ଘଡ଼ି ଶବ୍ଦ ଶୁଣାଯାଉଛି, କିନ୍ତୁ ଆଶାନୁରୂପ ବର୍ଷା ହେଉନାହିଁ। କେତେକ ଅଞ୍ଚଳରେ ସାମାନ୍ୟ ବର୍ଷା ହେଉଥିବା ବେଳେ ଅନେକ ସ୍ଥାନରେ ପାଣି ଟୋପାଟିଏ ମଧ୍ୟ ପଡୁନଥିବା ଅଭିଯୋଗ ହେଉଛି। ଏଭଳି ସ୍ଥିତିରେ ଚାଷୀମାନେ ଖରିଫ ଚାଷ ଆରମ୍ଭ କରିବାକୁ ସାହସ କରିପାରୁନାହାନ୍ତି। ଜମିରେ ପର୍ଯ୍ୟାପ୍ତ ଆର୍ଦ୍ରତା ନ ଥିବାରୁ ତଳିଘରା ପ୍ରସ୍ତୁତି ଓ ବିହନ ବୁଣା କାର୍ଯ୍ୟ ମଧ୍ୟ ପଛୁଆ ପଡ଼ିଛି। ଗଞ୍ଜାମ ଜିଲ୍ଲାର ଅର୍ଥନୀତିର ଏକ ବଡ଼ ଆଧାର ହେଉଛି କୃଷି। ଜିଲ୍ଲାର ଲକ୍ଷାଧିକ ଚାଷୀ ଖରିଫ ଧାନ ଚାଷ ଉପରେ ନିର୍ଭରଶୀଳ। ପ୍ରତିବର୍ଷ ଜୁନ୍ ମାସରେ ମୌସୁମୀ ବର୍ଷା ଆରମ୍ଭ ହେଲେ ଚାଷ କାର୍ଯ୍ୟ ଜୋର ଧରିଥାଏ। କିନ୍ତୁ ଚଳିତବର୍ଷ ମୌସୁମୀର ମନ୍ଥର ଗତି ଚାଷୀଙ୍କ ଆଶାରେ ପାଣି ଢାଳିଦେଇଛି। ବର୍ଷା ନ ହେବାରୁ ଜମି ଫାଟି ଆଁ କରିଥିବା ବେଳେ ଚାଷୀମାନେ ଆକାଶକୁ ଚାହିଁ ଦିନ କାଟୁଛନ୍ତି। ବିଶେଷଜ୍ଞଙ୍କ ମତରେ ଖରିଫ ଋତୁର ପ୍ରାରମ୍ଭିକ ସମୟରେ ପର୍ଯ୍ୟାପ୍ତ ବର୍ଷା ନ ହେଲେ ଚାଷ କ୍ୟାଲେଣ୍ଡର ପ୍ରଭାବିତ ହୁଏ। ତଳିଘରା ପ୍ରସ୍ତୁତି ବିଳମ୍ବ ହେଲେ ରୋପଣ କାର୍ଯ୍ୟ ମଧ୍ୟ ପଛକୁ ଘୁଞ୍ଚିଯାଏ। ଏହାର ସିଧାସଳଖ ପ୍ରଭାବ ଅମଳ ଉପରେ ପଡ଼ିଥାଏ। ତେଣୁ ଚାଷୀମାନେ ଏବେ ଶୀଘ୍ର ବର୍ଷା ପାଇଁ ଅପେକ୍ଷା କରି ରହିଛନ୍ତି। ଜିଲ୍ଲାର ବହୁ ବ୍ଲକରେ ଚାଷୀମାନେ ଅନୁକୂଳ କରିବାକୁ ମଧ୍ୟ ଅପେକ୍ଷା କରୁଛନ୍ତି। ପାରମ୍ପରିକ ଭାବେ ବର୍ଷା ଆରମ୍ଭ ହେବା ପରେ ଅନୁକୂଳ କରି ଧାନ ବୁଣା ଆରମ୍ଭ କରାଯାଏ। କିନ୍ତୁ ଚଳିତବର୍ଷ ପାଗ ଅନୁକୂଳ ନ ଥିବାରୁ ଚାଷୀ ବିଲକୁ ଯିବାକୁ ଅମଙ୍ଗ ହେଉଛନ୍ତି। ଗ୍ରାମାଞ୍ଚଳରେ ଚାଷ ସହ ଜଡ଼ିତ ବିଭିନ୍ନ କାର୍ଯ୍ୟକଳାପ ମଧ୍ୟ ମନ୍ଥର ହୋଇପଡ଼ିଛି। ଅନ୍ୟପଟେ ବର୍ଷା ଅଭାବ ଯୋଗୁଁ କେବଳ ଧାନ ଚାଷ ନୁହେଁ, ପନିପରିବା ଓ ଅନ୍ୟାନ୍ୟ ଖରିଫ ଫସଲ ଚାଷ ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି। ଯେଉଁ ଚାଷୀମାନେ ପୂର୍ବରୁ ବିହନ, ସାର ଓ କୃଷି ଉପକରଣ କିଣି ରଖିଛନ୍ତି, ସେମାନଙ୍କ ଚିନ୍ତା ଆହୁରି ବଢ଼ିଛି। ସମୟ ଗଡ଼ି ଚାଲିଥିବା ବେଳେ ବର୍ଷା ନ ହେଲେ ପୁନଃର୍ବାର ଚାଷ ଯୋଜନା ବଦଳାଇବାକୁ ପଡ଼ିପାରେ ବୋଲି ଚାଷୀ କହିଛନ୍ତି। କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ପାଗ ପରିସ୍ଥିତି ଉପରେ ନଜର ରଖି ଚାଷ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଉ ଥିବାବେଳେ ପ୍ରକୃତିର ଖାମଖିଆଲି ଏବେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଗତ କିଛି ବର୍ଷ ଧରି କେବେ ଅତିବର୍ଷା ତ କେବେ ଅନାବୃଷ୍ଟି ଭଳି ପରିସ୍ଥିତି ଦେଖାଦେଉଥିବାରୁ ଚାଷୀଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡ଼ିଛି। ଏଭଳି ସ୍ଥିତିରେ ଚଳିତବର୍ଷ ମୌସୁମୀର ବିଳମ୍ବିତ ଓ ଅସମାନ ବର୍ଷା ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି। ଚାଷୀଙ୍କ କହିବା କଥା, ଆଗାମୀ କିଛି ଦିନ ମଧ୍ୟରେ ଭଲ ବର୍ଷା ହେଲେ ଚାଷ କାର୍ଯ୍ୟ ପୁଣି ଗତି ଧରିପାରିବ। ନଚେତ୍ ଖରିଫ ଋତୁର ପ୍ରାରମ୍ଭିକ କ୍ଷତି ପୂରଣ କରିବା କଷ୍ଟକର ହେବ। ଗଞ୍ଜାମ ଭଳି କୃଷିନିର୍ଭର ଜିଲ୍ଲାରେ ମୌସୁମୀ ବର୍ଷା କେବଳ ଚାଷ ପାଇଁ ନୁହେଁ, ଗ୍ରାମୀଣ ଅର୍ଥନୀତିର ଜୀବନରେଖା ଭାବେ କାମ କରିଥାଏ। ସେଥିପାଇଁ ଏବେ ଚାଷୀଠାରୁ ଆରମ୍ଭ କରି କୃଷି ବିଶେଷଜ୍ଞ ପର୍ଯ୍ୟନ୍ତ ସମସ୍ତଙ୍କ ନଜର ଆକାଶ ଉପରେ ରହିଛି। ଭଲ ବର୍ଷା ହେଲେ ଚାଷୀଙ୍କ ମୁହଁରେ ହସ ଫେରିବ, ନଚେତ୍ ଚଳିତ ଖରିଫ ଋତୁ ଗଞ୍ଜାମର ଚାଷୀଙ୍କ ପାଇଁ ଏକ କଠିନ ପରୀକ୍ଷାରେ ପରିଣତ ହୋଇପାରେ। ଅପରପକ୍ଷେ ବର୍ଷା ଅଭାବାରୁ ଡ଼୍ୟାମ ଗୁଡ଼ିକ ମଧ୍ୟ ପରିପୂର୍ଣ୍ଣ ହୋଇନି। ଏପେଟ ପର୍ଯ୍ୟପ୍ତ ଜଳସେଚନର ମଧ୍ୟ ସୁବିଧା ନାହିଁ। ଏଣୁ ଗଞ୍ଜାମର ଚାଷୀଙ୍କୁ ବର୍ଷା ହିଁ ଏକମାତ୍ର ବିକଳ୍ପ।

**■ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା**

## ଉପକୃତ ହେବେ ୧୦ଜିଲ୍ଲାର ନୂଆ ନିଯୁକ୍ତିଦାତା ଓ କର୍ମଚାରୀ

ବ୍ରହ୍ମପୁର,୧୮।୬(ସମିସ): ପ୍ରଧାନମନ୍ତ୍ରୀ ବିକଶିତ ଭାରତ ଯୋଜନା ଅନ୍ତର୍ଗତ ନୂଆ ସଂସ୍ଥା ଓ ଏଠାକାର କର୍ମଚାରୀଙ୍କୁ ପ୍ରୋତ୍ସାହନ ଯୋଗାଇବେ କେନ୍ଦ୍ର ସରକାର। ଏହି ଯୋଜନା ନୂତନ ରୋଜଗାର ସୃଷ୍ଟି କରିବାରେ ସହାୟକ ହେବ। ନୂଆ ସଂସ୍ଥା ସହିତ କର୍ମଚାରୀଙ୍କୁ ମଧ୍ୟ ପ୍ରତ୍ସୋହନ ମିଳିବ। ଏନେଇ ଶୁକ୍ରବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରେ ଏହି ପ୍ରୋତ୍ସାହନ ରାଶି ବଣ୍ଟନ କରିବେ।



ଉପରୋକ୍ତ ଯୋଜନା ଅର୍ନ୍ତଭୂକ୍ତ ହିତାଧିକାରୀଙ୍କୁ ୨୪ଶହ କୋଟି ଟଙ୍କା ବଣ୍ଟନ କରାଯିବ। ଏହିକ୍ରମରେ ଓଡ଼ିଶାରେ ପ୍ରାୟ ୧୩୩୦ନିଯୁକ୍ତିଦାତା ଓ ୧୪୪୩୦ କର୍ମଚାରୀଙ୍କୁ ପ୍ରେତ୍ସାହନ ମିଳିବ। ଏନେଇ ୧୦ଜିଲ୍ଲାକୁ ନେଇ ଗଠିତ ବ୍ରହ୍ମପୁର ଇପିଏଫଓ କ୍ଷେତ୍ରିୟ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଠାରେ ଦଶ ଜିଲ୍ଲାର ଲାଭାର୍ଥୀଙ୍କୁ ସହାୟତା ପ୍ରଦାନ କରାଯିବ। ଏଥିରେ ନିର୍ବାଚିତ ଜନ ପ୍ରତିନିଧି ମଧ୍ୟ ଉପସ୍ଥିତ ରହିବେ ବୋଲି ବ୍ରହ୍ମପୁର କ୍ଷେତ୍ରିୟ ଭବିଷ୍ୟନିଧି ଆୟୁକ୍ତ ଅଶ୍ୱିନ କୁମାର ବାରିକ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ୧୦ଜିଲ୍ଲାର ଲାଭାର୍ଥୀଙ୍କୁ ଚିହ୍ନଟ କରାଯିବା ସହ ସେମାନଙ୍କୁ ସୂଚନା ଦିଆଯାଇଛି। ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା ଅନ୍ତର୍ଗତ ସେମାନେ ଉପକୃତ ହେବେ। ଏହି ପ୍ରୋତ୍ସାହନ ନୂତନ ରୋଜଗାର ସୃଷ୍ଟିର ପ୍ରମୁଖ ମାଧ୍ୟମ ହେବ ବୋଲି ସେ କହିଛନ୍ତି।

# ଜରଡ଼ାରେ ଠାକୁରାଣୀ ଯାତ୍ରା ଆରମ୍ଭ



ପାତ୍ରପୁର,୧୮।୬(ସମିସ): ପାତ୍ରପୁର ବ୍ଲକ ଜରଡ଼ା ଠାରେ ଠାକୁରାଣୀ ଯାତ୍ରା ବୁଧବାର ଠାରୁ ଆରମ୍ଭ ହୋଇଯାଇଛି। ବୁଧବାର ରାତ୍ର ୯ ଘଣ୍ଟ ସମୟ ରେ ରାଜବାଟି ଠାରୁ ସମସ୍ତ ଗ୍ରାମବାସୀ,ସଂକୀର୍ତନ ମଣ୍ଡଳୀ , ବାରିକ ବାଦ୍ୟ ଢୋଲ ଓ ଶଙ୍ଖ ମହୁରୀ, ବେଶ ପଟୁଆର ସହ ମା ଙ୍କୁ ନିମନ୍ତ୍ରଣ ନିମନ୍ତେ ସ୍ଥାୟୀ ମନ୍ଦିର ନିକଟକୁ ଯାଇ ମାଙ୍କୁ ଅସ୍ଥାୟୀ ମନ୍ଦିର ନିକଟକୁ ପାଛୋଟି ଆଣିଥିଲେ। ସଭାପତି ସାରଥୀ ପ୍ରସାଦ ବିଷୋୟୀ ଉପ ସଭାପତି ଭାସ୍କର ଚନ୍ଦ୍ର ବେହେରା,ଆନନ୍ଦ ବେହେରା ସମ୍ପାଦକ ବସନ୍ତ ବାହୁକ, ସହ ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ କୋଷାଧକ୍ଷ ଜି ତ୍ରିନାଥ ଦୋରାଙ୍କ ସମେତ ଯୁବ ଗୋଷ୍ଠୀ ଓ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ । ମୁଖ୍ୟ ଯାନୀ ସଞ୍ଜୟ କୁମାର ପଣ୍ଡାଙ୍କ ଦ୍ୱାରା ମା ଙ୍କୁ ଓ କାଳୀକା ଙ୍କୁ ଆବାହନ କରାଯାଇଥିଲା। ମା ଜଗତ ଜନନୀ ଙ୍କ ଯାତ୍ରା ୧୭ ତାରିଖ ଠାରୁ ଆରମ୍ଭ ହୋଇ ୨୩ ତାରିଖରେ ଶେଷ ହେବାକୁ ଥିବା ବେଳେ ପ୍ରତିଦିନ ମନୋରଞ୍ଜାନ କାର୍ଯ୍ୟକ୍ରମରେ ଭାରତ ଲୀଳା, ରାମାୟଣ, ରାଧା ପ୍ରେମଲୀଳା, ମହାଭାରତ ନବରଙ୍ଗୀ ଓ ମେଲୋଡ଼ି ପରିବେଷଣ ର ବ୍ୟବସ୍ଥା କରଯାଇଛି । ଆଲୋକ ତୋରଣରେ ଜରଡ଼ା ଝଲୁସିଥିବା ବେଳେ ରାମ ଦୋଳି, ମିନା ବଜାର ଯୋଗୁଁ ଭିଡ଼ ହେବା ଦୃଷ୍ଟିରେ ରଖି ଜରଡ଼ା ଥାନା ତତଫରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି।

## ଚାଷୀଙ୍କ ଟେନ୍‌ସନ, ଜମି ପଟ୍ଟା ସଂଶୋଧନ

# କୃଷକ ପୋର୍ଟାଲ୍‌ରେ ପଞ୍ଜୀକରଣରୁ ବାଦ୍ ପଡ଼ିବେ ଚାଷୀ ଓ ଭାଗଚାଷୀ

ବ୍ରହ୍ମପୁର,୧୮।୬(ସମିସ):

ରାଜ୍ୟ ସରକାର କୃଷକମାନଙ୍କୁ ବିଭିନ୍ନ କୃଷି ସହାୟତା ଓ କଲ୍ୟାଣକାରୀ ଯୋଜନାର ସୁବିଧା ଯୋଗାଇବା ପାଇଁ କୃଷକ ପୋର୍ଟାଲ୍‌ରେ ପଞ୍ଜିକରଣକୁ ବାଧ୍ୟତାମୂଳକ କରିଥିବା ବେଳେ ଜମି ପଟ୍ଟା ସଂଶୋଧନ ସମସ୍ୟା ଏବେ ଚାଷୀଙ୍କ ପାଇଁ ବଡ଼ ବାଧକ ସାଜିଛି। ବିଶେଷକରି ଗଞ୍ଜାମ ଭଳି କୃଷିପ୍ରଧାନ ଜିଲ୍ଲାରେ ହଜାର ହଜାର ଚାଷୀ ଏବଂ ଭାଗଚାଷୀ ଜମି ରେକର୍ଡ ସଂଶୋଧନ ନ ହୋଇଥିବାରୁ କୃଷକ ପୋର୍ଟାଲ୍‌ରେ ପଞ୍ଜିକରଣ କରିପାରୁନଥିବା ଅଭିଯୋଗ ହେଉଛି। ଫଳରେ ସେମାନେ ସରକାରୀ ସୁବିଧାରୁ ବଞ୍ଚିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ଚାଷୀଙ୍କୁ ଦେଶର ମେରୁଦଣ୍ଡ ବୋଲି କୁହାଯାଉଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ସେମାନଙ୍କ ସମସ୍ୟାର ସମାଧାନ ହୋଇପାରୁନାହିଁ। ସରକାର ବଦଳୁଛନ୍ତି, ନୂଆ ନୂଆ ଯୋଜନା ଓ ନୀତି ଆସୁଛି, କିନ୍ତୁ ଚାଷୀଙ୍କ ଭାଗ୍ୟରେ ବିଶେଷପରିବର୍ତ୍ତନଆସୁନଥିବାଅଭିଯୋଗହେଉଛି।ପୂର୍ବ ସରକାର ସମୟରେ ଚାଷୀ ପରିଚୟପତ୍ର ପ୍ରସ୍ତୁତ କରିବା ପାଇଁ ମୋ ସେବା କେନ୍ଦ୍ର ମାଧ୍ୟମରେ ପଞ୍ଜିକରଣ ବ୍ୟବସ୍ଥା କରାଯାଇଥିଲା। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ହଜାର ହଜାର ଚାଷୀ ଲାଇନରେ ଠିଆ ହୋଇ ଟଙ୍କା ଖର୍ଚ୍ଚ କରି ଚାଷୀ ପରିଚୟପତ୍ର ପ୍ରସ୍ତୁତ କରିଥିଲେ। ମାତ୍ର ବର୍ତ୍ତମାନ ସରକାର କୃଷକ ପୋର୍ଟାଲ୍‌ରେ ନୂତନ ପଞ୍ଜିକରଣକୁ ସରକାରୀ ସୁବିଧା ପାଇବାର ପ୍ରମୁଖ ମାଧ୍ୟମ ଭାବେ ଗୁରୁତ୍ୱ ଦେଉଛନ୍ତି। ଏହା ପରେ ଚାଷୀମାନେ ପୁଣିଥରେ ମୋ ସେବା କେନ୍ଦ୍ର ଏବଂ ଅନ୍ୟ ସେବା କେନ୍ଦ୍ରଗୁଡ଼ିକରେ ଭିଡ଼ ଜମାଉଛନ୍ତି। ହେଲେ ଜମିର ରେକର୍ଡ ନିଜ ନାମରେ ନଥିବାରୁ ଅନେକ ଚାଷୀଙ୍କ ପଞ୍ଜିକରଣ ହୋଇପାରୁନାହିଁ। ଅନେକ କ୍ଷେତ୍ରରେ ଜମି ଚାଷ କରୁଥିବା ବ୍ୟକ୍ତିଙ୍କ ନାମରେ ରେକର୍ଡ ନଥାଇ ପୂର୍ବପୁରୁଷଙ୍କ ନାମରେ ରହିଯାଇଛି। ଫଳରେ ପ୍ରକୃତ ଚାଷୀ ସରକାରୀ ବ୍ୟବସ୍ଥାରୁ ବାଦ୍ ପଡୁଥିବା ଅଭିଯୋଗ ହେଉଛି। ଗଞ୍ଜାମ ଜିଲ୍ଲାରେ ଦୀର୍ଘ ଦଶନ୍ଧି ଧରି ସେଟେଲମେଣ୍ଟ କ୍ୟାମ୍ପ ହୋଇନଥିବାରୁ ଏହି ସମସ୍ୟା ଅଧିକ ଜଟିଳ ହୋଇଛି। ଅନେକ ପରିବାରରେ ଜମିର ଦଖଲ ଉତ୍ତରାଧିକାରୀଙ୍କ ପାଖରେ ଥିଲେ ମଧ୍ୟ ରେକର୍ଡରେ ଏବେ ବି ବାପା, ଜେଜେବାପା କିମ୍ବା ପୂର୍ବପୁରୁଷଙ୍କ ନାମ ରହିଛି। ଏହି ରେକର୍ଡ ସଂଶୋଧନ ପାଇଁ ଲୋକଙ୍କୁ ତହସିଲ କାର୍ଯ୍ୟାଳୟର ବାରମ୍ବାର ଚକ୍କର କାଟିବାକୁ ପଡୁଛି। କିନ୍ତୁ କର୍ମଚାରୀ ଅଭାବ ଏବଂ ପ୍ରକ୍ରିୟାଗତ ବିଳମ୍ବ ଯୋଗୁଁ ମାମଲାଗୁଡ଼ିକ ଦୀର୍ଘଦିନ ଧରି ଝୁଲି ରହୁଛି। ସୂଚନା ଅନୁସାରେ, ପଞ୍ଚାୟତସ୍ତରରେ କୋର୍ଟ କ୍ୟାମ୍ପ କରି ଜମି ସମ୍ବନ୍ଧୀୟ ବିବାଦ ଓ ରେକର୍ଡ ସଂଶୋଧନ ମାମଲାର ସମାଧାନ କରିବାକୁ ପୂର୍ବରୁ ନିର୍ଦ୍ଦେଶ ଥିଲେ ମଧ୍ୟ ତାହା ଫଳପ୍ରଦ ଭାବେ କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ଗରିବ ଏବଂ ଅଶିକ୍ଷିତ ଚାଷୀମାନେ ତହସିଲ କାର୍ଯ୍ୟାଳୟକୁ ବାରମ୍ବାର ଯାଇ ହତାଶ ହେଉଛନ୍ତି। ପୂର୍ବରୁ ଜମି ପଟ୍ଟା ସମସ୍ୟା ଯୋଗୁଁ ଛାତ୍ରଛାତ୍ରୀମାନେ ବିଭିନ୍ନ ସରକାରୀ ସୁବିଧା ଓ ପ୍ରମାଣପତ୍ର ପାଇବାରେ ଅସୁବିଧା ଭୋଗୁଥିବାବେଳେ ବର୍ତ୍ତମାନ ସେହି ସମସ୍ୟା ଚାଷୀଙ୍କ ପାଇଁ ବଡ଼ ଚିନ୍ତାର କାରଣ ହୋଇଛି।

ଅନ୍ୟପଟେ ଭାଗଚାଷୀ ମାନଙ୍କ ଅବସ୍ଥା ଆହୁରି ସଙ୍କଟ ଜନକ। ସେମାନେ ଅନ୍ୟର ଜମି ନେଇ ଚାଷ କରୁଥିଲେ ମଧ୍ୟ ସରକାରୀ ରେକର୍ଡରେ ସେମାନଙ୍କ ଅସ୍ତିତ୍ୱ ପ୍ରାୟ ନାହିଁ। ଫଳରେ କୃଷି ଋଣ, ଫସଲ ବୀମା, ଇନପୁଟ ସହାୟତା କିମ୍ବା ଅନ୍ୟାନ୍ୟ କୃଷି କଲ୍ୟାଣ ଯୋଜନାର ଲାଭ ପାଇବା ସେମାନଙ୍କ ପାଇଁ କଷ୍ଟସାଧ୍ୟ ହୋଇପଡୁଛି। ଚାଷୀ ସଂଗଠନମାନଙ୍କ ମତରେ, ଭାଗଚାଷୀଙ୍କୁ ଚିହ୍ନଟ କରି ସେମାନଙ୍କ ପାଇଁ ପୃଥକ ପରିଚୟ ବ୍ୟବସ୍ଥା କରାଯିବା ଆବଶ୍ୟକ। ଋଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ କହିଛନ୍ତି ଯେ, ପଡ଼ୋଶୀ ଆନ୍ଧ୍ର ପ୍ରଦେଶରେ ଭାଗଚାଷୀ ମାନଙ୍କୁ ଚିହ୍ନଟ କରି "ରଇତ କାର୍ଡ' ପ୍ରଦାନ କରାଯାଉଛି। ସେମାନଙ୍କୁ ବିଭିନ୍ନ ସରକାରୀ ସୁବିଧା ଯୋଗାଇ ଦିଆଯାଉଛି। କିନ୍ତୁ ଓଡ଼ିଶାରେ ଏଭଳି ବ୍ୟବସ୍ଥା ଏପର୍ଯ୍ୟନ୍ତ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ ହୋଇନଥିବାରୁ ଅନେକ ପ୍ରକୃତ ଚାଷୀ ସରକାରୀ ସହାୟତାରୁ ବଞ୍ଚିତ ହେଉଛନ୍ତି। ରୟତ ମହାସଭା ପକ୍ଷରୁ ଦାବି କରାଯାଇଛି ଯେ, ଅବସରପ୍ରାପ୍ତ ରାଜସ୍ୱ କର୍ମଚାରୀମାନଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତି ଦେଇ ପଞ୍ଚାୟତସ୍ତରରେ କୋର୍ଟ କ୍ୟାମ୍ପ ଆୟୋଜନ କରାଯାଉ। ଏହା ଦ୍ୱାରା ଜମି ଦଖଲରେ ଥିବା ପ୍ରକୃତ ଉତ୍ତରାଧିକାରୀଙ୍କ ନାମରେ ରେକର୍ଡ ସଂଶୋଧନ ଶୀଘ୍ର ସମ୍ଭବ ହୋଇପାରିବ। ସେହିପରି ଭାଗଚାଷୀଙ୍କ ପାଇଁ ପୃଥକ ପରିଚୟପତ୍ର ବ୍ୟବସ୍ଥା କରି ସେମାନଙ୍କୁ କୃଷକ ପୋର୍ଟାଲ୍‌ରେ ସାମିଲ କରିବାକୁ ମଧ୍ୟ ଦାବି ହୋଇଛି। ଗଞ୍ଜାମ ଏକ ଚାଷୀ ବହୁଳ ଜିଲ୍ଲା। ଏଠାରେ ପ୍ରତ୍ୟେକ ପରିବାର କୌଣସି ନା କୌଣସି ଭାବରେ କୃଷି ସହିତ ଜଡ଼ିତ। ତେଣୁ କେବଳ ରେକର୍ଡ ଜନିତ ସମସ୍ୟା କାରଣରୁ ପ୍ରକୃତ ଚାଷୀ ସରକାରୀ ସହାୟତାରୁ ବାଦ୍ ପଡ଼ିବା ଉଚିତ ନୁହେଁ। କୃଷକ ପୋର୍ଟାଲ୍‌ରେ ପଞ୍ଜିକରଣ ପୂର୍ବରୁ ଜମି ପଟ୍ଟା ସଂଶୋଧନ ଏବଂ ଭାଗଚାଷୀଙ୍କ ଚିହ୍ନଟ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଚାଷୀ ମହଲ ଦାବି କରିଛି। ନଚେତ୍ ହଜାର ହଜାର ପ୍ରକୃତ ଚାଷୀ ସରକାରୀ ଯୋଜନାର ଲାଭରୁ ବଞ୍ଚିତ ହେବା ସହ କୃଷି କ୍ଷେତ୍ର ଉପରେ ମଧ୍ୟ ଏହାର ନକାରାତ୍ମକ ପ୍ରଭାବ ପଡ଼ିବା ନିଶ୍ଚୟ।

### ସେଟେଲମେଣ୍ଟ କ୍ୟାମ୍ପ ହେଉନି, ପଞ୍ଚାୟତରେ କୋର୍ଟକ୍ୟାମ୍ପ ଦାବି

# ଗୋଷାଣି ପଞ୍ଚାୟତ ସମିତିସ୍ତରୀୟ 'ଜାତି-ଜନଜାତି ସମ୍ବାଦ'

ପାରଳାଖେମୁଣ୍ଡି, ୧୮।୬ (ସମିସ) : ରାଜ୍ୟ ସରକାରଙ୍କ ସଫଳତାର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଗଜପତି ଜିଲ୍ଲା ଗୋଷାଣି ପଞ୍ଚାୟତ ସମିତି ସ୍ତରୀୟ "ଜାତି-ଜନଜାତି ସମ୍ବାଦ" କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଗୋଷାଣି ବ୍ଲକ ଅଧକ୍ଷ ଏନ୍. ବୀରରାଜୁ, ସାଂସଦ ପ୍ରତିନିଧି ଜଗନ୍ନାଥ ପରିଡା, ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ, ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା କୁମାରୀ ଜେନା, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ କୁମାର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ ଓ ସାମୁହିକ ଟେବୁଲ ଟପ୍ ଏକ୍ସରସାଇଜ ଅଭ୍ୟାସ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ସମ୍ବଳସାଧନ କର୍ମୀ ରଶ୍ମିରେଖା ଭଦ୍ର ଯୋଗଦେଇ ଜଙ୍ଗଲ ଅଧିକାର ଆଇନରେ ପ୍ରଦତ୍ତ ଅଧିକାର ଯଥା ବ୍ୟକ୍ତିଗତ ଅଧିକାର, ଗୋଷ୍ଠୀଗତ ଅଧିକାର, ଜଙ୍ଗଲ ଅଧିକାର ଆଇନ ଅଧିନରେ ଜଣେ ଦାବିଦାର କେତେ ପରିମାଣର ଜଙ୍ଗଲ ଜମି ଉପରେ ଅଧିକାର ପାଇପାରିବେ ସେ ନେଇ ବିସ୍ତୃତ ଭାବେ ବୁଝାଇଥିଲେ । ସମସ୍ତ କାର୍ଯ୍ୟକ୍ରମରେ ବ୍ଲକ ଓ ପଞ୍ଚାୟତ ସ୍ତରୀୟ ଜନପ୍ରତିନିଧି, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ଏବଂ ସାଧାରଣ ଜନତାଙ୍କ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ପଦୋନ୍ନତି ପାଇଁ ଦୁଇ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

କବିସୂର୍ଯ୍ୟନଗର,୧୮।୬(ସମିସ): ସ୍ଥାନୀୟ ପିଏମଶ୍ରୀ ଶ୍ରୀଚନ୍ଦ୍ରଶେଖର ହାଇସ୍କୁଲ କାର୍ଯ୍ୟରତ ଥିବା ଦୁଇ ବରିଷ୍ଠ ବିଜ୍ଞାନ ଶିକ୍ଷକଙ୍କୁ ପଦୋନ୍ନତି ଘଟିଛି। ସେମାନେ ହେଲେ ଉକ୍ତ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମିହିର କୁମାର ଶତପଥୀ ଓ ଅନ୍ୟଜଣେ ବରିଷ୍ଠ ବିଜ୍ଞାନ ଶିକ୍ଷକ ଉମାଶଙ୍କର ସାହୁ। ଦୁହେଁ ବରିଷ୍ଠ ବିଜ୍ଞାନ ଶିକ୍ଷକ ଭାବେ ଛାତ୍ରଛାତ୍ରୀ ମଧ୍ୟରେ ପ୍ରଭାବଶାଳୀ ଥିଲେ।

କାର୍ଯ୍ୟରତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଏହି ସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ ପଦୋନ୍ନତି ପାଇଛନ୍ତି। ସେହିଭଳି ଏହି ସ୍କୁଲର କାର୍ଯ୍ୟରତ ବରିଷ୍ଠ ବିଜ୍ଞାନ ଶିକ୍ଷକଙ୍କୁ ଆସିକା ବ୍ଲକ ନିମିନାସ୍ଥ କୃଷ୍ଣ ଚରଣ ବାଳିକା ଉଚ୍ଚ ବିଦ୍ୟାଳୟକୁ ପଦୋନ୍ନତି ଘଟି ନୂତନ ଭାବେ ପ୍ରଧାନ ଶିକ୍ଷକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଜି ଶ୍ରୀଚନ୍ଦ୍ରଶେଖର ହାଇସ୍କୁଲ କାର୍ଯ୍ୟାଳୟରେ ଏକ ବର୍ଣ୍ଣାଢ଼ ଉତ୍ସବରେ ଉଭୟଙ୍କୁ ସମ୍ବର୍ଦ୍ଧନା ସ୍କୁଲ କର୍ତ୍ତୃପକ୍ଷରୁ ଦିଆଯାଇଛି। ଉଭୟଙ୍କୁ ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ପ୍ରଦାନକରିଛନ୍ତି। ଏହି ଖୁସିରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଶିକ୍ଷକ ଶିକ୍ଷୟିତ୍ରି ମଧ୍ୟରେ ସ୍ନେହଲତା ମହାନ୍ତି, ଶିବଶଙ୍କର ସାହୁ, ସଲୀଳା ମିଶ୍ର, ମକ୍ଷମୀନୀ ଆଚାର୍ଯ୍ୟ, ପି. ପର୍ଶୁ ପାତ୍ର, ଅର୍ଚ୍ଚନା ସାହୁ, ଲୋପାମୁଦ୍ରା ସାହୁ, ଯଶସ୍ୱିନୀ ବେହେରା, ଚନ୍ଦ୍ରକାନ୍ତି ମାଝୀ, ଅମୟନ୍ତୀ ସାହୁ, ମକ୍ଷମୀନୀ ବିଷୋୟୀ, ପ୍ରିୟଙ୍କା ମିଶ୍ର, ଲକି ସିଓ ଓ କାଶ୍ମୀର ଖାଁ, ସଂଯୁକ୍ତା ରାଉଳ, ପ୍ରଶ୍ନ ବେହେରା ପ୍ରମୁଖ ଷ୍ଟାଫ ଉପସ୍ଥିତ ଥିଲେ।

# ଭଗବତୀ ମହାଲକ୍ଷ୍ମୀ, ଗଣେଶ ଓ ସରସ୍ୱତୀଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବ୍ରହ୍ମପୁର,୧୮।୬(ସମିସ): ବ୍ରହ୍ମପୁର ମହାନଗର ନିଗମର ୧୫ ନମ୍ବର ୱାର୍ଡ ସ୍ଥିତ ରାମକୃଷ୍ଣ ନଗର ୫ ଲାଇନରେ ହେବାକୁ



ଥିବା ଭଗବତୀ ମହାଲକ୍ଷ୍ମୀ, ଗଣେଶ ଓ ସରସ୍ୱତୀଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଜଳଯାତ୍ରା, ମଣ୍ଡଳ, ନାମଯଜ୍ଞାଧିବାସ, ଦୀକ୍ଷାଗ୍ରହଣ ଓ ଅଙ୍କରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରାମଲିଙ୍ଗମ୍ ପୋଖରୀରୁ ଜଳଯାତ୍ର ଆରମ୍ଭ ହୋଇ ରାମକୃଷ୍ଣ ନଗରରେ ଶେଷ ହୋଇଥିଲା। ଉକ୍ତ ପ୍ରତିଷ୍ଠା ଉତ୍ସବ ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଜାରି ରହିବ। କାର୍ଯ୍ୟକ୍ରମରେ ମନ୍ଦିରର ପରିଚାଳନା କମିଟିର ସଭାପତି ଆର୍. ମୁରଲୀ ମୋହନ ଓ ତାଙ୍କ ଧର୍ମପତ୍ନୀ ତଥା ସ୍ଥାନୀୟ କର୍ପୋରେଟର ଆର୍. ପାୱାନି ସମେତ ବହୁ ନେତା, କର୍ପୋରେଟର ଏବଂ ଶ୍ରଦ୍ଧାଳୁ ଯୋଗଦେଇଥିଲା।

# ଗାଡ଼ି ଧକ୍କାରେ ଓମ୍‌ଫେଡ କର୍ମଚାରୀ ମୃତ

ବ୍ରହ୍ମପୁର,୧୮।୬(ସମିସ): ସଦର ଥାନା ଅନ୍ତର୍ଗତ ଆଙ୍କୁଶପୁର ସ୍ଥିତ ଓମଫେଡର କାର୍ଯ୍ୟ କରୁଥିବା ଜଣେ କର୍ମଚାରୀଙ୍କ ଅଜଣା ଗାଡ଼ି ଧକ୍କାରେ ବୁଧବାର ରାତ୍ରିରେ ମୃତ୍ୟୁ ଘଟିଛି। ମୃତକ ଜଣକ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବଡ ଖେମୁଣ୍ଡି ଭଣ୍ଡାରୀ ସାହି ଅଂଚଳର ହରିହର ବେହେରା (୫୯)। ସୂଚନା ମୁତାବକ, ରାତ୍ରି ପ୍ରାୟ ୧୦ଟା ୩୦ ମିନିଟ ସମୟରେ ହରିହର ନିଜର କାମ ସାରି ଘରକୁ ଫେରୁଥିବା ବେଳେ ଆଙ୍କୁଶପୁରଠାରେ ଥିବା ନୃସିଂହ ମନ୍ଦିରଠାରୁ କିଛି ଦୂରରେ ଏକ ଅଜଣା କାର ଧକ୍କା ଦେଇଥିଲା। ଏହାପରେ ସ୍ଥାନୀୟ ବାସିନ୍ଦା ସଦର ଥାନାକୁ ଖବର ଦେଇଥିଲେ। ଖବର ପାଇ ଘଟଣା ସ୍ଥଳରେ ସଦର ଥାନା ପୋଲିସ ପହଂଚି ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ନିମନ୍ତେ ଏମ୍‌କେସିଜିରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୁଲିସ ୩୯୧ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ଥାନାଧିକାରୀ ସନ୍ତୋଷ କୁମାର ବେହେରା ସୂଚନା ଦେଇଛନ୍ତି।

# ୭୫ ତମ ଚିନ୍ମୟ ଅମୃତ ମୋହ ଉତ୍ସବ




ଆସିକା,୧୮।୬(ସମିସ): ୭୫ତମ ଚିନ୍ମୟ ଅମୃତ ମହୋତ୍ସବ ଅବସରରେ, ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ଜୀ, ସ୍ୱାମୀ ସୁଧୀର ଚୈତନ୍ୟ ଜୀ,ସ୍ୱାମୀ ଅରୂପାନନ୍ଦ ଜୀ, ବ୍ରହ୍ମଚାରିଣୀ ତାରିଣୀ ଚୈତନ୍ୟ ଜୀ, ଆସିକା ଚିନ୍ମୟ ମିଶନର ସମ୍ପାଦକ ଶ୍ରୀ ନିରଞ୍ଜନ ମହାନ୍ତି ଏବଂ ସଦ୍ ଗୁରୁ ଚିନ୍ମୟାନନ୍ଦଜୀଙ୍କ ଭକ୍ତବୃନ୍ଦଙ୍କ ସହିତ ୭୫ତମ ଚିନ୍ମୟ ଅମୃତ ମହୋତ୍ସବ ରଥକୁ ଆସିକା ମମ୍ ସ୍କୁଲ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଣବ କୁମାର ରଥ ପୂଜ୍ୟ ସ୍ୱାମୀ ଚିନ୍ମୟାନନ୍ଦ ଜୀଙ୍କ ଦିବ୍ୟ ବିଗ୍ରହରେ ପୁଷ୍ପମାଳା ଅର୍ପଣ କରିଥିଲେ। ସ୍ୱାମୀଜୀଙ୍କ ବ୍ୟବହୃତ ବିରଳ ଏବଂ ମୂଲ୍ୟବାନ ସାମଗ୍ରୀ ଆଣିଥିଲେ, ଯାହା ସମସ୍ତଙ୍କୁ ଏକ ସୌଭାଗ୍ୟଜନକ ସୁଯୋଗ ଦେଇଥିଲା। ମମ୍ ଅନୁଷ୍ଠାନ ତରଫରୁ ଛୋଟ ଛୋଟ ପିଲା ମାନଙ୍କ ଦ୍ୱାରା ପ୍ରଦର୍ଶିତ ଶ୍ରୀମଦ୍ ଭଗବତ ଗୀତା ପାଠ ଏବଂ ଆଧ୍ୟାତ୍ମିକ ଅଭ୍ୟାସ ଓ ଜ୍ଞାନ କୌଶଳରେ ଉପସ୍ଥିତ ସମସ୍ତ ସାଧୁ ସନ୍ଥ ମାନଙ୍କୁ ଅତ୍ୟନ୍ତ ପ୍ରଭାବିତ କରିଥିଲା। ଏପରି ଜ୍ଞାନ କୌଶଳ ଅନୁଷ୍ଠାନକୁ ବିଶ୍ୱ ବିଖ୍ୟାତ କରିବ ବୋଲି ସମସ୍ତ ସାଧୁ ଆଶୀର୍ବାଦ ପ୍ରଦାନ କରିଥିଲେ।

# ଜାତୀୟ ସ୍ପିଡ୍ ସ୍କେଟିଂ ଚାମ୍ପିଅନସିପ୍ ୨୦୨୬ରେ ଗଜପତି ସ୍କେଟର୍ସଙ୍କୁ ୫ କାଂସ୍ୟ ପଦକ

ପାରଳାଖେମୁଣ୍ଡି, ୧୮।୬ (ସମିସ) : ରୋଲର ସ୍କେଟିଂ ଫେଡେରେସନ ଅଫ୍ ଇଣ୍ଡିଆ ଦ୍ୱାରା ଆୟୋଜିତ ଅଲ୍ ଇଣ୍ଡିଆ ଓପନ୍ ନ୍ୟାସନାଲ୍ ସ୍ପିଡ୍ ସ୍କେଟିଂ ଚାମ୍ପିଅନସିପ୍ ୨୦୨୬, କୋଲକାତାର ନେଇ ଉତ୍କୃଷ୍ଟ ପ୍ରଦର୍ଶନ କରି ୫ଟି କାଂସ୍ୟ ପଦକ ହାସଲ କରିଥିବା ବେଳେ ବହୁ ବର୍ଗରେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବାର ସୂଚନା ମିଳିଛି । କାଂସ୍ୟ ପଦକ ବିଜେତା ମାନେ ହେଲେ



ବିଧାନ ଶିଶୁ ଉଦ୍ୟାନରେ ଚଳିତ ମାସ ୧୨ ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ସାରା ଦେଶରୁ ଏକ ହଜାରରୁ ଉର୍ଦ୍ଧ ସ୍କେଟର୍ସ ମାନେ ଯୋଗଦେଇଥିଲେ। ଏହି ଚାମ୍ପିଅନସିପ୍‌ରେ ଗଜପତି ଜିଲ୍ଲା ରୋଲର ସ୍କେଟିଂ ଏକାଡେମୀର ସ୍କେଟରମାନେ ଭାଗ ଯଥା କ୍ରମେ ବରିଷ୍ଠ ବର୍ଗର ୧୦୦ ମିଟର ସ୍ପିଡ୍ ସ୍କେଟିଂରେ ବରେନ୍ୟ ରଇତ, ୧୫-୧୮ ବର୍ଷ ବାଳିକା ବର୍ଗର ୧ହଜାର ଏବଂ ୧୦ହଜାର ମିଟର ସ୍କେଟିଂରେ ଟେମ୍ପୁରୁ ରିଥିଶାଙ୍କୁ ଦୁଇଟି କାଂସ୍ୟ ପଦକ ଓ ୬-୮ ବର୍ଷ ବୟସ ବିଭାଗରେ ବିଶ୍ୱାସ କୁମାର ଗୌଡ ୧୦୦ ଏବଂ ୭୫୦ ମିଟର ସ୍କେଟିଂରେ ଦୁଇଟି କାଂସ୍ୟ ପଦକ ହାସଲ କରିଥିବାର ଜଣାପଡିଛି । ସେହିପରି ଏହି ପ୍ରତିଯୋଗୀତାରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବେ ୧୫-୧୮ ବୟସ ବର୍ଗରେ ପିକାର୍ତ୍ତିକ ଚତୁର୍ଥ, ୧୨-୧୫ ବୟସ ବିଭାଗ ମଧ୍ୟରେ ବାଳିକା ବର୍ଗରେ ସୁଶ୍ରୀ ଶାମ୍ଭବି ସାହୁ ଓ ୧୫-୧୮ ବର୍ଷ ବାଳକ ଯଥା ଜୁନିୟର ବର୍ଗରେ ପି. ଧମେଶ ଷଷ୍ଠ ସ୍ଥାନ ହାସଲ କରିଥିବାର ଜଣାପଡିଛି । ସେହିପରି ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବେ ୟୁ. ଶାନଭି, ବି. ଯକ୍ଷିତ, ଗଉନ ଦୀପ ସାହୁ, ଏବଂ ନିଖିଲ ଜେନା ମଧ୍ୟ ଉତ୍କୃଷ୍ଟ ଦକ୍ଷତା ଏବଂ କ୍ରୀଡ଼ା ମନୋଭାବ ପ୍ରଦର୍ଶନ କରିଥିବାରୁ ପ୍ରଶଂସିତ ହୋଇଛନ୍ତି । ତେବେ ଏପରି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଗଜପତି ଜିଲ୍ଲା ରୋଲର ସ୍କ?ଟିଂ ଏକାଡେମୀର ପ୍ରଶିକ୍ଷାର୍ଥୀଙ୍କ ଉଚ୍ଚକୋଟୀର ପ୍ରଦର୍ଶନ ସମଗ୍ର ଜିଲ୍ଲା ସମେତ ଓଡ଼ିଶା ରାଜ୍ୟ ପାଇଁ ଗର୍ବ ଆଣିଦେଇଛି । ଏହି ସଫଳତା ପାଇଁ ଜିଲ୍ଲା ପ୍ରଶାସନ, କ୍ରୀଡା ଅଧିକାରୀ ଏବଂ ସ୍କେଟିଂ ଏକାଡେମୀର ସଭାପତି ମୋହନ ବେହେରା ପ୍ରମୁଖ ସମସ୍ତ ଭାଗ ନେଇଥିବା ସ୍କେଟର ଏବଂ ପ୍ରଶିକ୍ଷକ ସୁକାନ୍ତ ଦଳବେହେରାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ନବ ନିଯୁକ୍ତ ପ୍ରଧାନଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଭଞ୍ଜନଗର ୧୮।୬ (ସମିସ): ଜବାହର ନୋଡାଲ ଉଚ୍ଚ ବିଦ୍ୟାଳୟ, ବଡକୋଦଣ୍ଡକରେ ପଦୋନ୍ନତି ହୋଇ ନିଯୁକ୍ତି ପାଇଥିବା ପ୍ରଧାନଶିକ୍ଷକ ମନୋରଞ୍ଜନ ପଣ୍ଡାଙ୍କୁ ବିଦ୍ୟାଳୟ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ପ୍ରାକ୍ତନ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଜେନା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ବିଦ୍ୟାଳୟର ଅତୀତ ଇତିହାସ ସହ ଅଞ୍ଚଳରେ ରହିଥିବା ସୁନାମ ଉପରେ କହି ଆଗାମୀ ଦିନରେ ବିଦ୍ୟାଳୟର ଗରିମା ଯେପରି ରହିବ ତା ଉପରେ କହିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିତା ସାହୁ ନବ ନିଯୁକ୍ତ ପ୍ରଧାନଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ ପରେ ତାଙ୍କର ବିଦ୍ୟାଳୟରେ ରହିଥିବା ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ କହିଥିଲେ। ନବ ନିଯୁକ୍ତ ପ୍ରଧାନଶିକ୍ଷକ ଶ୍ରୀ ପଣ୍ଡା ଆଗାମୀ ଦିନରେ ଶିକ୍ଷାଦାନ, ପରିବେଶ, ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନର ଗୁଣବତ୍ତା ଉପରେ ଗୁରୁତ୍ୱ ଦିଆଯିବା ସହ ସମସ୍ତଙ୍କ ସହଯୋଗରେ ବିଦ୍ୟାଳୟକୁ ଏକ ସ୍ୱତନ୍ତ୍ର ସମ୍ମାନ ଓ ଆଦର୍ଶ କରାଯିବ ବୋଲି କହିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷକକର୍ମଚାରୀ ଉପସ୍ଥିତ ରହିଥିଲେ।

# କବିସୂର୍ଯ୍ୟନଗରରେ 'ବିକାଶର ଧାରା ଓଡ଼ିଶା ସାରା'



କବିସୂର୍ଯ୍ୟନଗର, ୧୮।୬(ସମିସ): ଗାରିମାମୟ ଓଡିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶାର ବିକାଶ, ପଂଚାୟତର ଉନ୍ନତି, ସୁଶାସନର ବାର୍ତ୍ତାକୁ ଜନସାଧାରଣଙ୍କ ଠାରେ ପହଞ୍ଚାଇବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଭବ୍ୟ ଓ ବର୍ଣାଢ଼ ପରିବେଶରେ ଆୟୋଜିତ କାର୍ଯ୍ୟକ୍ରମ "ବିକାଶର ଧାରା, ଓଡିଶା ସାରା'। ଏହି ପରିପେକ୍ଷୀରେ ବ୍ଲକ ପରିସରରେ ଆୟୋଜିତ ବିଭିନ୍ନ ଷ୍ଟଲକୁ ଉଦଘାଟନ କରିଥିଲେ ଦୁଇ ବିଧାୟକ। ଯଥା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ମିଶନ ଶକ୍ତି ମାଙ୍କ ଦ୍ୱାରା ଆୟୋଜିତ ବିଭିନ୍ନ ଷ୍ଟଲ, ଓମଫେଡ୍, ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର, ପାଣି ପଂଚାୟତ, ପିଏମ ଶ୍ରୀ ସୂର୍ଯ୍ୟଘର ଆଦି ଷ୍ଟଲ ବୁଲି ଦେଖିବା ସହ ଅଧିକାରୀଙ୍କୁ ପଚାରି ବୁଝିଥିଲେ ଦୁଇ ବିଧାୟକ।

ଏହାପରେ ସ୍ଥାନୀୟ ଏନଏସି କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ "ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଓ ଆସିକା ବିଧାୟକ ସରୋଜ ପାଢ଼ୀ ଯୋଗ ଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ଏହାର ଶୁଭ ଉଦଘାଟନ କରିଥିଲେ। ବିଡ଼ିଓ ରାଜେନ୍ଦ୍ର ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଦୁଇ ବିଧାୟକ ବ୍ୟତୀତ ଆମ୍ବା ଚେୟାରମ୍ୟାନ ରମେଶ ଚନ୍ଦ୍ର ସ୍ୱାଇଁ, ବ୍ଲକ କୃଷି ଅଧିକାରିଣୀ ଶ୍ରାବଣୀ ମହାରଣା, ବ୍ଲକ ପଶୁଚିକିତ୍ସକ ଅଧିକାରୀ ଡା. ଶୁଭ୍ରକାନ୍ତ ଆଚାର୍ଯ୍ୟ, କୃଷିଉଦ୍ୟାନ ଅଧିକାରିଣି ସୁରଭି ଗଡ଼ନାୟକ ପ୍ରମୁଖ ମଂଚାସୀନ ଅତିଥି ଥିଲେ। ସମସ୍ତ ସରପଞ୍ଚ, ସମିତିସଭ୍ୟ, ଜିଲ୍ଲାପରିଷଦ, କୃଷି ଅଧିକାରୀ, ପାଣି ପଂଚାୟତ ସଭାପତି, ସମ୍ପାଦକ, ମିଶନ ଶକ୍ତି ମାଉଉଣୀ,ସମସ୍ତ ଲାଇନ ଡ଼ିପାର୍ଟମେଣ୍ଟଅଧିକାରୀ ଓ କର୍ମଚାରୀ, ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀ, ବୁଦ୍ଧିଜୀବୀ, ଯୁବ, ଛାତ୍ର ଆଦି ଉପସ୍ଥିତ ଥିଲେ।

# ୧୬ ଥର ପାଇଁ ରକ୍ତଦାନ କରି ଜନ୍ମଦିନ ପାଳନ କଲେ ଗୁରୁଜୀ ମିଥୁନ



ବେଲଗୁଣ୍ଠା,୧୮।୬(ସମିସ): ପ୍ରତିବର୍ଷ ଭଳି ପବିତ୍ର ରଜ ମହୋତ୍ସବରେ ରକ୍ତ ଦାନ କରି ଜନ୍ମଦିନ ପାଳନ କଲେ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ୍ ଗାଙ୍ଗପୁର ବିବେକାନନ୍ଦ ଶିଶୁ ଶିକ୍ଷା ପ୍ରତିଷ୍ଠାନର ଶିକ୍ଷକ ମିଥୁନ ନାଇକ। କେକ୍ କାଟି ଭୋଜିଭାତ ବଦଳରେ ନିଆରା ଢଙ୍ଗରେ ସେ ନିଜର ଜନ୍ମଦିନ ପାଳନ କଲେ। ଲୁଣିପଡା ଗ୍ରାମର ୪୩ ବର୍ଷିୟା ବ୍ୟକ୍ତି ମାନସ ନାୟକ ଏନାମିଆ ରୋଗରେ ପିଡ଼ିତ ହୋଇ ଭଞ୍ଜନଗର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଦେହରେ ରକ୍ତ ର ଅଭାବ ପଡିଲା। ତାଙ୍କ ପୁତ୍ର ଆଶୁତୋଷ ନାୟକ ଗୁରୁଜୀ ମିଥୁନଙ୍କ ପୂର୍ବତନ ଛାତ୍ର ହୋଇଥିବାରୁ ମିଥୁନ ଗୁରୁଜୀ ଜଣେ ନିୟମିତ ରକ୍ତଦାତା ବୋଲି ସେ ଜାଣିଥିଲେ। ଏକଥା ଆଶୁତୋଷ ତାଙ୍କ ଘରେ ଜଣେଇବା ପରେ ତାଙ୍କ ପରିବାର ପକ୍ଷରୁ ମିଥୁଣଙ୍କ ସହ ଯୋଗାଯୋଗ କରାଯାଇଥିଲା।ଏହି ଭଳି ସୁବର୍ଣ୍ଣ ସୁଯୋଗକୁ ହାତ ଛଡା ନ କରି ମିଥୁନ ରକ୍ତ ଦାନ କରିଥିଲେ। ମିଥୁନ ଜିଲ୍ଲାର ଅନୁସୂଚିତ ଜାତିଓଜନଜାତି ସମ୍ପ୍ରଦାୟର ସଂପାଦକ ଥିବା ବେଳେ ଏକାଧାରରେ ଜଣେ ଶିକ୍ଷକ,ଜଣେ ଚିତ୍ରକର, ମଞ୍ଚ ଉପସ୍ଥାପକ,ଜଣେ କ୍ଷୁଦ୍ର ଅଭିନେତା ଓ ଜଣେ ପ୍ରକୃତି ପ୍ରେମୀ ଅଟନ୍ତି। ମିଥୁନଙ୍କର ଏହି ମହତ୍ କାମକୁ ଅଞ୍ଚଳବାସୀ ଉଚ୍ଚ ପ୍ରଶଂସା କରିଛନ୍ତି ।

# ଚାଲାଣ ବେଳେ ୧୦ ଗୋରୁ ଉଦ୍ଧାର

ପାରଳାଖେମୁଣ୍ଡି, ୧୮।୬ (ସମିସ) :

ଗଜପତି ଜିଲ୍ଲା ଅଡ଼ବା ପୁଲିସ ଥାନା ସୀମା ଅନ୍ତର୍ଗତ ଡୁମିଗୁଡ଼ା ଛକରେ ଏକ ସ୍ୱତନ୍ତ୍ର ପାଟ୍ରୋଲିଂ ଏବଂ ଯାନବାହାନ ଯାଞ୍ଚ ଅଭିଯାନ ସମୟରେ ଅଡବା ପୁଲିସ ବେଆଇନ ଗୋରୁ ଚାଲାଣ ବିରୁଦ୍ଧରେ ଏକ ବଡ଼ ସଫଳତା ହାସଲ କରିଛି । ଏହି ଅଭିଯାନ ସମୟରେ, ପୁଲିସ ଓଡି-୩୨କେ ୬୨୧୫ ଏବଂ ଓଡି ୦୭ ଏଡବ୍ଲ୍ୟୁ ୧୨୪୧ ପଞ୍ଜିକରଣ ନମ୍ବର ବିଶିଷ୍ଟ ଦୁଇଟି ବୋଲେରୋ ପିକ୍-ଅପ୍ ଗାଡ଼ିକୁ ଅଟକାଇଥିଲେ। ସେଥିରେ ଦଶଟି ଗୋରୁ ପରିବହନ ହେଉଥିବା ପୁଲିସ ଦେଖିବାକୁ ପାଇଥିଲେ। ଏହି ଗାଡି ଗୁଡିକର ଚାଳକମାନେ ଗଞ୍ଜାମ ଜିଲ୍ଲାର ପାଟାପୁରର ଜିତେନ୍ଦ୍ର ମଣ୍ଡଳ ଏବଂ ବଡ଼ଗଡ଼ର ରତିକାନ୍ତ ନାୟକଙ୍କୁ ପଚରାଉଚରା କରାଯାଇ ଗିରଫ କରାଯାଇଥିଲା। ପଚରାଉଚରା ସମୟରେ ଅଭିଯୁକ୍ତମାନେ ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ସେରଙ୍ଗର ରାଜୁ ପାଣିଙ୍କ ସମ୍ପୃକ୍ତି ବିଷୟରେ ପ୍ରକାଶ କରିଥିଲେ। ରାଜୁ ପାଣି ଆର୍ଥିକ ଲାଭ ପାଇଁ ଗୋରୁ ଚାଲାଣ ଏବଂ ବେଆଇନ ପରିବହନରେ ନିୟୋଜିତ ଏକ ସଂଗଠିତ ନେଟୱାର୍କ ପରିଚାଳନା



କରୁଥିଲେ। ଅଭିଯୁକ୍ତମାନେ ଆହୁରି ପ୍ରକାଶ କରିଛନ୍ତି ଯେ ଉକ୍ତ ବ୍ୟକ୍ତି ଏବଂ ତାଙ୍କ ସହଯୋଗୀଙ୍କ ନିର୍ଦ୍ଦେଶରେ ପୁଲିସ ଯାଞ୍ଚରୁ ବଞ୍ଚିବା ପାଇଁ ବିଭିନ୍ନ ଅଞ୍ଚଳରୁ ଗୋରୁ ସଂଗ୍ରହ କରାଯାଇଥିଲା ଏବଂ ଆଭ୍ୟନ୍ତରୀଣ ରାସ୍ତା ଦେଇ ପରିବହନ କରାଯାଉଥିଲା। ଅଭିଯୁକ୍ତଙ୍କ ଠାରୁ ତଥ୍ୟ ପାଇବା ଏବଂ ଉପଲବ୍ଧ ପ୍ରମାଣ ଆଧାରରେ ଅଡବା ପୁଲିସ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ପୃଥକ ମାମଲା ରୁଜୁ କରିଛି। ଏହି ଗୋରୁଚାଲାଣ ସିଣ୍ଡିକେଟ୍‌ର ଅନ୍ୟ ସଦସ୍ୟମାନଙ୍କୁ ଚିହ୍ନଟ କରିବା ଏବଂ ବେଆଇନ କାର୍ଯ୍ୟକଳାପ ସହିତ ଜଡିତ ଆର୍ଥିକ କାରବାରକୁ ଠାବ କରିବା ପାଇଁ ଅଡବା ପୋଲିସ ଅଧିକ ତଦନ୍ତ ଚଳାଇଛି। ଅଡବା ପୁଲିସ୍ ଅଭିଯୁକ୍ତଙ୍କ ଠାରୁ ୧ଲକ୍ଷ ୭୦ ହଜାର ଟଙ୍କା ନଗଦ ସହ ଦୁଇଟି ବୋଲେରୋ ପିକ୍-ଅପ୍ ତିନୋଟି ମୋବାଇଲ ଫୋନ୍ ଏବଂ ଉଦ୍ଧାର କରାଯାଇଥିବା ୧୦ ଗୋଟି ଗୋରୁକୁ ଜବତ କରିଛି। ଉଦ୍ଧୃତ ଗୋରୁମାନଙ୍କୁ ଉପଯୁକ୍ତ ଯତ୍ନ ଏବଂ ନିରାପଦ ହେପାଜତ ପାଇଁ ଏକ ସ୍ୱୀକୃତିପ୍ରାପ୍ତ ଗୋଶାଳାକୁ ସ୍ଥାନାନ୍ତର କରାଯାଇଛି । ଅଧିକ ତଦନ୍ତ ଜାରି ରହିଛି ଏବଂ ଅତିରିକ୍ତ ଗିରଫଦାରୀ ହେବାର ସମ୍ଭାବନା ରହିଥିବାର ଆର୍.ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରାକେଶ ସାହୁ ସୂଚନା ପ୍ରଦାନ କରିଛନ୍ତି।

